

# ଭୁବନେଶ୍ୱର + କଟକ

## ରଜ ସଂକ୍ରାନ୍ତି ▶ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼



ପୁରୀ,୧୫।୬(ସମିସ): ମହାପ୍ରଭୁଙ୍କ ଦର୍ଶନ ପାଇଁ ସୋମବାର ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଆଉ ଏହାର ପ୍ରଭାବ ବଡ଼ଦାଣ୍ଡ ସମେତ ସହରର ପ୍ରମୁଖ ଏବଂ ବିଭିନ୍ନ ଗଳିକନ୍ଦି ରାସ୍ତାରେ ହିଁ ଜଣାପଡ଼ିଥିଲା। ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତାରେ ଗାଡ଼ି ଲମ୍ବା ଲାଇନ୍‌ରେ ଥିବା ଦେଖିବାକୁ ମିଳିଥିଲା।

ସୋମବାର ଥିଲା ରଜ ସଂକ୍ରାନ୍ତି। ତେଣୁ ସକାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଧୀରେ ଧୀରେ ଗହଳି ହୋଇଥିଲା। ପୂର୍ବାହ୍ନ ବେଳକୁ ଶ୍ରୀମନ୍ଦିର ସମ୍ମୁଖରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏବେ ସ୍କୁଲ, କଲେଜ ଛୁଟି ରହିଛି। ଏମିତି ବି, ଦ୍ୱିତୀୟ ଶନିବାରକୁ ଲଗାଇ ତିନିଦିନ ଛୁଟି ପଡ଼ିଥିଲା। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ବହୁ ସଂଖ୍ୟାରେ ଭକ୍ତ ଆସିଥିଲେ। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌ରେ ଭକ୍ତ ଭର୍ତ୍ତି ହୋଇଯିବା ପରେ ଶୃଙ୍ଖଳିତ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କର ବାହାରେ ଧାଡ଼ି ଲମ୍ବିଥିଲା। ଭିଡ଼କୁ ନିୟନ୍ତ୍ରଣ କରିବା ଲାଗି ପୁଲିସ ଦଫା ଦଫା କରି ଭକ୍ତଙ୍କୁ ଭିତରକୁ ଛାଡୁଥିଲା। ମନ୍ଦିର ଭିତରେ ବି ବେଶ୍ ଗହଳି ହୋଇଥିଲା। କିଛି ଭକ୍ତ ଭିଡ଼ରେ ଅଣଃନିଶ୍ୱାସୀ ହୋଇପଡ଼ିଥିଲେ। ଏମିତି ଭିଡ଼ ରାତି ପର୍ଯ୍ୟନ୍ତ ଲଗି ରହିଥିଲା। ସେହିପରି ମେଡିକାଲ ଛକ ନିକଟରେ ଗାଡ଼ିଗୁଡ଼ିକର ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ପୁଲିସ ଭୁବନେଶ୍ୱର ଆଡୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକୁ ମାର୍କେଟ ଛକ ଆଡ଼କୁ ଛାଡୁ ନ ଥିଲା। ଫଳରେ ଚାରିଚକିଆ ଗାଡ଼ି ପୁରୁଣା ଜେଲ୍ ରୋଡ୍ ପାର୍କିଂ ଏବଂ କେତେକ ମେଡିକାଲ ଛକରୁ ଗୁଣ୍ଡିଚା ମନ୍ଦିର ନିକଟରେ ନେଇ ଗାଡ଼ି ପାର୍କିଂ କରିଥିଲେ। ଛୁଟିଦିନ ଥିବାରୁ ପୁରୀକୁ ଯାତ୍ରୀ, ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥିଲା। ଫଳରେ ବେଳାଭୂମି ରାସ୍ତା ହେଉ କି ସହରର ଅନ୍ୟ କୌଣସି ରାସ୍ତାରେ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ତେଣୁ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ସେହିପରି ବେଳାଭୂମିରେ ମଧ୍ୟ ବେଶ୍ ଭିଡ଼ ଦେଖିବାକୁ ମିଳିଥିଲା। ଛୁଟି ଥିବାରୁ ପର୍ଯ୍ୟଟକମାନେ ପୁରୀକୁ ଆସିଥିଲେ। ଫଳରେ ବେଳାଭୂମି ରାସ୍ତାରେ ବି ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଦେଖିବାକୁ ମିଳିଥିଲା।

## ବୃଦ୍ଧା ଆଶ୍ରମରେ ରଜ ଉତ୍ସବ

ଭୁବନେଶ୍ୱର, ୧୫।୬ (ସମିସ): ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ସ୍ୱର୍ଗତ ସନ୍ତୋଷ ଦାସଙ୍କ ଜୟନ୍ତୀ ଅବସରରେ ଶିକ୍ଷାଭିତ୍ତିକ ଅନୁଷ୍ଠାନ ସନ୍ତୋଷ ମେମୋରିଆଲ ଏଜୁକେସନାଲ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନୀଳାଦ୍ରିବିହାର ସ୍ଥିତ ବୃଦ୍ଧା ଆଶ୍ରମରେ ନିଆରା ଢଙ୍ଗରେ ରଜ ଉତ୍ସବ ପାଳନ କରାଯାଇଛି। ସକାଳୁ ଟ୍ରଷ୍ଟର ସଦସ୍ୟମାନେ ବୃଦ୍ଧା ଆଶ୍ରମରେ ପହଞ୍ଚି ପ୍ରଥମେ ଅନ୍ତେବାସୀଙ୍କୁ ବିଭିନ୍ନ ପ୍ରସାଦନ ସାମଗ୍ରୀ ଲଗାଇ ସୁସଜ୍ଜିତ କରାଇଥିଲେ। ପରେ ଅନ୍ନ ସେବା ପ୍ରଦାନ କରି ହସଖୁସି ନାଚଗୀତରେ ଅନ୍ତେବାସୀଙ୍କ ସହ ରଜ ଉତ୍ସବ ପାଳନ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଅଂଶୁମାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏନଆଇଏଟିର ନିର୍ଦ୍ଦେଶକ ଦେବାଶିଷ ପରିଡ଼ା ଯୋଗଦେଇ ସ୍ୱର୍ଗତ ସନ୍ତୋଷ ଦାସଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସୁକାନ୍ତ ରାଉତ, ଟ୍ରଷ୍ଟି ଅମୂଲ୍ୟ କୁମାର ସାହୁ, ଅମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର,୧୫।୬(ସମିସ): କେମିତି ଦିଶୁଥିଲା ସେଦିନର ଭୁବନେଶ୍ୱର। ଆଜି ଭଳି କୋଳାହଳ ନା ଭରପୁର ଜଙ୍ଗଲ ନା ଅଲଗା କିଛି। ସେଦିନର କଥା ଆଉ ଆଜି ଭିତରେ ଗଢି ଉଠିଛି ପାର୍ଥକ୍ୟ ପରିବର୍ତ୍ତନର। ସାଇତା ସ୍ମୃତି, ସ୍ୱର୍ଦ୍ଧିତ ଐତିହ୍ୟର ଡାକକୁ କେମିତି ଶୁଣି ପାରିବ ଏ ନୂଆ ପିଢ଼ିର ମଣିଷ। ତା ପାଇଁ ମାଧ୍ୟମ କେବଳ ଆଉ କେବଳ ସେ ସମୟର ସ୍ଥିର ଚିତ୍ର। ସେହିପରି ଏକ ପୁରୁଣା ଫଟୋ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ଯେଉଁଥିରେ ଭୁବନେଶ୍ୱରର ସବୁଠୁ କୋଳାହଳ ସ୍ଥାନ ବରମୁଣ୍ଡା ବସଷ୍ଟାଣ୍ଡ ପ୍ରଥମ କରି ଜନ୍ମ ନେଇଥିଲା। ସେହି ସ୍ଥାନ ପୂର୍ବରୁ କେମିତି ଥିଲା ତାକୁ ହିଁ ନେଇ ଏହି ଉପସ୍ଥାପନା। ଏହି ଫଟୋଟି ୧୯୯୨ ମସିହାର ଅଟେ ଏବଂ ଏହା ସେହି ଉଦ୍‌ଘାଟନ ସମୟର ବୋଲି ଜଣା ପଡିଛି। ପୂର୍ବରୁ ବରମୁଣ୍ଡା ବସ ଷ୍ଟାଣ୍ଡ ଅଞ୍ଚଳରେ ଏକ ପଟାସ ଜଙ୍ଗଲ ଥିଲା। ଭିତରେ ଏକ ଡଗର ରାସ୍ତା ଥିଲା। ଯେଉଁ ବାଟ ଦେଇ ଲୋକେ ନାକା ଗେଟ୍ ଛକ ଜୋକ ଲଣ୍ଡିରେ ବାହାରୁଥିଲେ। ସେହି ପଟାଶ ବଣିଆ ନିକଟରେ ପୋଖରୀ ଥିଲା। ଯାହା ପରବର୍ତ୍ତୀ ସମୟରେ ସ୍ଥାନାନ୍ତର ହୋଇଥିଲା।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ୍ ସର୍ଭିସ ରେକର୍ଡରେ ଅନିୟମିତତା ଅଭିଯୋଗ

କଟକ,୧୫।୬ (ସମିସ)

ଜଣେ ଅବସରପ୍ରାପ୍ତ ସରକାରୀ ଶିକ୍ଷକଙ୍କ ପେନସନ୍ ଏବଂ ମୂଳ ସର୍ଭିସ ବୁକ୍ ରେକର୍ଡରେ ହୋଇଥିବା ବ୍ୟାପକ ଅନିୟମିତତା ଅଭିଯୋଗ ଉପରେ ତଦନ୍ତ ପାଇଁ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨୦୧୧-

**ଡିଇଓଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ**

୨୦୧୪ ମଧ୍ୟରେ କଣ୍ଟାପଡ଼ା ବ୍ଲକ ଅଧୀନସ୍ଥ ସଳେଇ ପ୍ରାଥମିକ ସ୍କୁଲ ଓ ପରେ ତଣ୍ଡିକଣା ସ୍କୁଲରୁ ଅବସର ନେଇଥିବା ଶିକ୍ଷକ ସରୋଜ କୁମାର ଆଚାର୍ଯ୍ୟଙ୍କ ସରକାରୀ ନଥିପତ୍ରରେ ଜାଲିଆତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହା ଉପରେ ଡିଇଓଙ୍କ ଜୁନ୍‌୫ର ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି ଓ କଣ୍ଟାପଡ଼ା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସମ୍ପୃକ୍ତ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନୋଟିସ୍ ଜାରି କରିଛନ୍ତି। ପ୍ରକାଶ ଯେ, ସରୋଜଙ୍କ ଆଇନଗତ ପତ୍ନୀ, ୭୦ ବର୍ଷୀୟ ବରିଷ୍ଠ ନାଗରିକ ପୁଷ୍ପଲତା ଆଚାର୍ଯ୍ୟ ଗତ ଫେବୃଆରୀ ୨ରେ ରାଜ୍ୟ ଅର୍ଥ ବିଭାଗ ଓ ପେନସନ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ତାଙ୍କ ଦ୍ୱାରା ଦାଖଲ ପ୍ରମାଣ ଅନୁଯାୟୀ, ସେମାନଙ୍କର ବିବାହ ସାମାଜିକ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଥିଲା ଏବଂ ସେମାନଙ୍କର ଦୁଇଟି ପୁତ୍ର ସନ୍ତାନ ଅଛନ୍ତି, ଯେଉଁଥିରୁ ବଡ଼ ପୁଅ ଶକ୍ତି ପ୍ରସାଦ ଆଚାର୍ଯ୍ୟ (୪୭) ଜଣେ ସ୍ଥାୟୀ ଭିନ୍ନକ୍ଷମ ଅଟନ୍ତି। ମାତ୍ର ଶ୍ରୀ ଆଚାର୍ଯ୍ୟ ନିଜର ପ୍ରଥମ ବିବାହ ବଳବତ୍ତର ଥିବା ସତ୍ତ୍ୱେ ଏବଂ ପ୍ରଥମ ପତ୍ନୀଙ୍କଠାରୁ କୌଣସି ଆଇନଗତ ଛାଡ଼ପତ୍ର ନ ନେଇ, ଦୀର୍ଘ ବର୍ଷ ହେବ ଅନ୍ୟ ଜଣେ ମହିଳାଙ୍କ ସହ ରହିବା ସହିତ ସରକାରୀ ସର୍ଭିସ ବୁକ୍‌ରେ ପ୍ରକୃତ ପତ୍ନୀ ଓ ଅସହାୟ ଭିନ୍ନକ୍ଷମ ପୁଅଙ୍କ ତଥ୍ୟ ଲୁଚାଇ ରଖିଛନ୍ତି। ଯାହା ଭବିଷ୍ୟତ ପାରିବାରିକ ପେନସନ୍ ଅଧିକାରରୁ ବଞ୍ଚିତ କରିବାର ଏକ ସୁଚିନ୍ତିତ ପ୍ରୟାସ ବୋଲି ଶ୍ରୀମତୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାକୁ ରାଜ୍ୟ ଅର୍ଥ ବିଭାଗ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଗୁରୁତ୍ୱର ସହ ଗ୍ରହଣ କରି ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହିନ୍ଦୁ ବିବାହ ଆଇନ, ୧୯୫୫ ଅନୁଯାୟୀ ପ୍ରଥମ ପତ୍ନୀ ଜୀବିତ ଥିବା ସମୟରେ କରାଯାଇଥିବା ଦ୍ୱିତୀୟ ବିବାହ ଆଇନ ଆଖିରେ ସମ୍ପୂର୍ଣ୍ଣ ଅବୈଧ ଅଟେ। ତେଣୁ ଗଠନ ହୋଇଥିବା ତଦନ୍ତ କମିଟି ମୁଖ୍ୟତଃ ଶିକ୍ଷକଙ୍କ ମୂଳ ସର୍ଭିସ ବୁକ୍, ଉଭୟ ପକ୍ଷଙ୍କ ଆଇନଗତ ଦଲିଲ ଏବଂ ଆବେଦନକାରୀ ପୁଷ୍ପଲତାଙ୍କ ନିଜ ସରକାରୀ ସର୍ଭିସ ବୁକ୍ ଓ ପିଲାମାନଙ୍କ ମାଟ୍ରିକ ସାର୍ଟିଫିକେଟ୍ ଆଦିକୁ ଭଲ ଭାବେ ଯାଞ୍ଚ କରିବ। ପ୍ରଶାସନିକ ସ୍ତରରେ ଏହି ପଦକ୍ଷେପ ନିଆଯିବା ପରେ ଜଣେ ୭୦ ବର୍ଷର ଅସହାୟ ବୃଦ୍ଧା ଓ ତାଙ୍କର ଭିନ୍ନକ୍ଷମ ପୁଅଙ୍କୁ ନ୍ୟାୟ ମିଳିବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

## ଚାମେଲିଙ୍କୁ ହସ୍‌ପିଟାଲରେ ଭେଟିଲେ ବିଧାୟିକା ସୋଫିଆ

କଟକ,୧୫।୬(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଥିବା ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଆଜି ହସ୍ପିଟାଲରେ ପହଞ୍ଚି ଚିକିତ୍ସିତ ହେଉଥିବା ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ ଭେଟିଛନ୍ତି। ହସ୍ପିଟାଲରେ ପହଞ୍ଚି ବିଧାୟିକା ସିଧାସଳଖ ଶ୍ରୀମତୀ ଓଝାଙ୍କ ନିକଟକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହିତ ସେ ଡାକ୍ତରମାନଙ୍କ ସହ ଚାମେଲିଙ୍କ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆଲୋଚନା କରିଥିଲେ। ବିଗତ ଦିନରେ ଚାମେଲି ଓଝାଙ୍କ ସହ ଘଟିଥିବା ଅମାନୁଷିକ ବ୍ୟବହାର, ଶାରୀରିକ ଆକ୍ରମଣ ଏବଂ ସାମ୍ପ୍ରତିକ ପ୍ରଶାସନିକ ଉଦାସୀନତାକୁ ନେଇ ବିଧାୟିକା ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ, ଉପଯୁକ୍ତ ଚିକିତ୍ସା ଏବଂ ନ୍ୟାୟ ପ୍ରଦାନ ଦାବି କରି ବିଧାୟିକା କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ଆଲୋଚନା କରିବା ସହିତ ଏକ ଚିଠି ପ୍ରଦାନ କରିଛନ୍ତି। ଗତ ୬ ରୁ ୭ ମାସ ହେବ ତିଖିରି ପଞ୍ଚାୟତର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ କାର୍ଯ୍ୟକୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ ରଖାଯିବା ସହ ସରପଞ୍ଚଙ୍କୁ କ୍ରମାଗତ ଭାବେ ହଇରାଣ ହରକତ କରାଯାଉଥିବା ନେଇ ସେ ପତ୍ରରେ ଦର୍ଶାଇଛନ୍ତି। ବିଶେଷ କରି ମହାକାଳପଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଏବଂ ସ୍ଥାନୀୟ ପୁଲିସର ଭୂମିକାକୁ ନେଇ ମଧ୍ୟ ଗୁରୁତର ଅଭିଯୋଗ ଆସିଛି। ପୁଲିସ ପ୍ରକୃତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସରପଞ୍ଚଙ୍କ ନାମରେ ଏକ ମିଥ୍ୟା କାଉଣ୍ଟର-ଏଫଆଇଆର ରୁଜୁ କରିଥିବା ବେଳେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିବାରୁ ଆଇନ ଶୃଙ୍ଖଳା ଉପରୁ ସାଧାରଣ ଜନତାଙ୍କ ଭରସା ତୁଟିଯାଇଛି ବୋଲି ସେ ଦୋହରାଇଛନ୍ତି। ଶ୍ରୀମତୀ ଓଝାଙ୍କ ଶାରୀରିକ ଓ ମାନସିକ ସ୍ଥିତି ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ସ୍ଥାନାନ୍ତର, ତାଙ୍କ ବିରୋଧରେ ଲଗାଯାଇଥିବା ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର, ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ଫେରସ୍ତ ପାଇଁ ସେ ଦୃଢ଼ ଦାବି ଜଣାଇଛନ୍ତି। ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନିଆଯିବା ପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରହିବ ବୋଲି ବିଧାୟିକା ସ୍ପଷ୍ଟ କରିଛନ୍ତି।

## ବିମାନବନ୍ଦରରେ ଯାତ୍ରୀ ସେବା ଦିବସ



ଭୁବନେଶ୍ୱର,୧୫।୬(ସମିସ): ରଜ ପର୍ବର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପାଳନ ହୋଇଛି "ଯାତ୍ରୀ ସୁବିଧା ଦିବସ'। ଏହି ଯାତ୍ରୀ ସୁବିଧା ଦିବସ ଅବସରରେ ବିମାନବନ୍ଦର ପକ୍ଷରୁ ରଜ ମହୋତ୍ସବର ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ବିମାନବନ୍ଦର ପରିସରରେ ଲୋକନୃତ୍ୟ, ନାଚ-ଗୀତ, ରଜ ଦୋଳି ଓ ପାରମ୍ପରିକ ପିଠାର ବ୍ୟବସ୍ଥା ଯାତ୍ରୀମାନଙ୍କ ବ୍ୟବସ୍ଥା ସହ ବିମାନବନ୍ଦରରେ ପହଞ୍ଚିବା ମାତ୍ରେ ଯାତ୍ରୀମାନଙ୍କୁ ଟୀକା-ଚନ୍ଦନ ଲଗାଇ ସ୍ୱାଗତ କରାଯାଇଛି। ଓଡ଼ିଶାର ଲୋକକଳା ଓ ସଂସ୍କୃତିକୁ ଉପସ୍ଥାପନ କରୁଥିବା ନୃତ୍ୟ ପରିବେଷଣ ଦେଖି ଯାତ୍ରୀମାନେ ଉତ୍ସାହିତ ହୋଇଛନ୍ତି। ଏହା ସାଙ୍ଗକୁ ବିମାନ ବନ୍ଦର ମଧ୍ୟରେ ରକ୍ତଦାନ ଶିବିର କରିବା ସହିତ ମାଗଣା ଆଖି ଓ ସ୍ୱାସ୍ଥ୍ୟ ଚିକିତ୍ସା କ୍ୟାମ୍ପର ମଧ୍ୟ ଆୟୋଜନ କରାଯାଇଛି।

ଏ ସମ୍ପର୍କରେ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ଆଜି ସର୍ବଭାରତୀୟ ସ୍ତରରେ ଯାତ୍ରୀ ସୁବିଧା ଦିବସ ପାଳନ କରାଯାଉଛି। ଯାତ୍ରୀଙ୍କ ମନ ମୋହିବା ପାଇଁ ବିଭିନ୍ନ ପ୍ରକାର ଇଭେଣ୍ଟର ଆୟୋଜନ କରାଯାଉଛି। ବନ୍ଦେ ମାତରମ ଠାରୁ ଆରମ୍ଭ ହୋଇଥିଲା ଇଭେଣ୍ଟ। ଯାତ୍ରୀମାନଙ୍କୁ ଟୀକା ଚନ୍ଦନ ଦେଇ ସ୍ୱାଗତ କରାଯାଇଛି। ଓଡ଼ିଆ ରଜ ପର୍ବର ଭାବନାକୁ ଯାତ୍ରୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ପ୍ରୟାସ କରାଯାଇଛି। ଯେଉଁ ବାହାର ରାଜ୍ୟ କିମ୍ବା ବାହାର ଦେଶରୁ ଆସୁଥିବା ଯାତ୍ରୀମାନେ ଓଡ଼ିଶାରେ ପାଦ ଦେଉଛନ୍ତି, ସେମାନଙ୍କୁ ରଜ ଉପରେ ଲୋକଙ୍କୁ ସଚେତନତା ସହିତ ଏୟାର ପୋର୍ଟ ମଧ୍ୟରେ ରଜର ମାହୋଲ ବନାଯାଇଛି। ଏହା ସହିତ ଏୟାରପୋର୍ଟ ମଧ୍ୟରେ ରଜ ଦୋଳିର ମଜା ମଧ୍ୟ ନେଉଛନ୍ତି ଯାତ୍ରୀ। ଓଡ଼ିଶା ଓ ଓଡ଼ିଆଙ୍କ ପାରମ୍ପରିକ ଓ ସାଂସ୍କୃତିକ ପରମ୍ପରା ଆଦିକୁ ଯେଭଳି ଭାବରେ ଜାଣିପାରିବେ, ସେନେଇ ସମସ୍ତ ଉଦ୍ୟମ କରାଯାଉଛି।

## ଇସ୍କନ ରଥଯାତ୍ରାକୁ ବୟକଟ୍ ପାଇଁ ଆହ୍ୱାନ

ଭୁବନେଶ୍ୱର,୧୫।୬(ସମିସ): ଶ୍ରୀଜଗନ୍ନାଥଙ୍କୁ ନେଇ ଦେଶ ବିଦେଶରେ ଇସ୍କନ ଯେଭଳି ଅଦିନିଆ ରଥଯାତ୍ରା ସହିତ ରାସ୍ତାକଡରେ ବସାଉଛି ତାହାକୁ ପ୍ରତ୍ୟେକ ଓଡ଼ିଆ ବିରୋଧ କରିବା ଉଚିତ୍। ଇସ୍କନକୁ ଏହାର ଜବାବ ଦେବାପାଇଁ ଆସନ୍ତା ରଥଯାତ୍ରା ସମୟରେ ଭୁବନେଶ୍ୱରରେ ହେଉଥିବା ଇସ୍କନର ରଥଯାତ୍ରାକୁ ବୟକଟ୍ କରିବାପାଇଁ କଳିଙ୍ଗସେନା ଆହ୍ୱାନ ଦେଇଛି। ସେନା ସୁପ୍ରିମୋ ହେମନ୍ତ ରଥ ଆଜି ଏକ ପ୍ରେସ୍ ବିବୃତ୍ତିରେ ଅଦିନିଆ ରଥଯାତ୍ରା କେବଳ ଜଗନ୍ନାଥ ସଂସ୍କୃତି କ୍ଷତିଗ୍ରସ୍ତ ହେଉନାହିଁ, କୋଟି କୋଟି ଓଡିଆମାନଙ୍କ ପ୍ରତି ଏହା ଘୋର ଅପମାନ ହେଉଛି ବୋଲି କହିଛନ୍ତି।

## ସପ୍ତମ ସଂକ୍ରାନ୍ତି ବୌଦ୍ଧିକ ଓ ଆଧ୍ୟାତ୍ମିକ ଆଲୋଚନାଚକ୍ର



ଭୁବନେଶ୍ୱର, ୧୫।୬(ସମିସ): ବିବେକାନନ୍ଦ ଯୁବ ଶକ୍ତି ସଂଗଠନ ଓ ଅନ୍ତର୍ଜାତୀୟ ଜଗନ୍ନାଥ ଚେତନା ସମାଜ ତରଫରୁ ସପ୍ତମ ସଂକ୍ରାନ୍ତି ବୌଦ୍ଧିକ ଓ ଆଧ୍ୟାତ୍ମିକ ଆଲୋଚନାଚକ୍ର ଇନ୍ଦ୍ରଦ୍ୟୁମ୍ନ ପୋଖରୀ ନିକଟସ୍ଥ ଝଙ୍କେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସମାପ୍ତ ହୋଇଯାଇଛି। ପ୍ରଥମେ ଚକ୍ରବ୍ରତ୍ତଳ ପ୍ରଭାତ ରଞ୍ଜନ ମହାପାତ୍ର ଶାନ୍ତି ପାଠ କରିବା ପରେ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା। ବିବେକାନନ୍ଦ କେନ୍ଦ୍ର, କନ୍ୟା କୁମାରୀ ନିର୍ଦ୍ଦେଶକ ଇଂ ସନ୍ତୋଷ ମହାନ୍ତି ସ୍ୱାମୀ ବିବେକାନନ୍ଦଙ୍କ ବିଶ୍ୱଧର୍ମ ସମ୍ମିଳନୀ ଅଂଶ ଗ୍ରହଣର ପ୍ରାସଙ୍ଗିକତା ସମ୍ପର୍କରେ ବୁଝାଇଥିଲେ। ଇଂ ଗିରିଜା ପ୍ରସାଦ ପାଢ଼ୀ ଅଂଶ ଗ୍ରହଣ କରିଥିଲେ। ପରେ ପରେସିଏଚ୍‌ଏସ୍‌ଇର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବାସୁଦେବ ଛାଟୋଇ ବିବେକାନନ୍ଦ କେନ୍ଦ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚକ୍ରରେ ପ୍ରଫେସର ମହେଶ୍ୱର ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ଶରତ ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ସୁରଟ କୁମାର ସ୍ୱାଇଁ, ଡ. ପ୍ରମୋଦ ଦଳାଇ, ସାମନ୍ତ ଚନ୍ଦ୍ର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର, ମଣିରାମ ଭାଇ, ପ୍ରାକ୍ତନ ସିଏସ୍‌ଓ, ପୁରୀ ସନ୍ତୋଷ ମହାନ୍ତି, ଯୋଗ ଗୁରୁ ରମାବଲ୍ଲଭ ମହାପାତ୍ର, ସୁଧାଂଶୁ ରାଜଗୁରୁ, ଡ. ଶଙ୍କର୍ଷଣ ପ୍ରଧାନ, ସମ୍ପାଦକ ଚକ୍ରବ୍ରତ୍ତଳ ବିଶ୍ୱଜିତ ଦାଶ, ଅଧ୍ୟାପକ ସୁଶାନ୍ତ ନାୟକ, ପ୍ରଧାନ ଶିକ୍ଷକ କୁଳମଣି ଦୋରା ପ୍ରାକ୍ତନ ଅଧ୍ୟକ୍ଷ ମନୋଜ ସାମନ୍ତରାୟ, ଆବାହକ ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ ମହାନ୍ତି ଉପସ୍ଥିତ ଥିଲେ।

## ରାମକୃଷ୍ଣ ପତି ସ୍ମୃତି ସମାରୋହ



ଭୁବନେଶ୍ୱର,୧୫।୬(ସମିସ)

ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଜନନେତା, ଅଜ୍ଞାତବାସର ଆଗ୍ନେୟ ଯୁଗରେ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ରାମକୃଷ୍ଣ ପତିଙ୍କ ୪୦ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଛି। ସ୍ମୃତି ସଂସଦର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ମୃତି କମିଟିର ସମ୍ପାଦକ ସୁର ଜେନା ପ୍ରାରମ୍ଭିକ ସୂଚନା ଦେବା ପରେ ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ବରିଷ୍ଠ ସିପିଆଇ(ଏମ୍) ନେତା ଜନାର୍ଦ୍ଦନ ପତି, ସିପିଆଇଏମ୍‌ଏଲ୍(ଲିବରେସନ୍) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ, ନିରଞ୍ଜନ ପଟ୍ଟନାୟକ, ବିଜେଡି ନେତା ପ୍ରଫୁଲ୍ଲ ସାମଲ, ବିଧାୟକ ଅନନ୍ତ ନାରାୟଣ ଜେନା, ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସ୍ମୃତି ସମାରୋହରେ ରାମକୃଷ୍ଣ ପତି ସମ୍ମାନ ସାମ୍ବାଦିକ ମନୋରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସ୍ତମ୍ଭକାର ରମେଶଚନ୍ଦ୍ର ପ୍ରଧାନ, ବିଶ୍ୱ ଶିକ୍ଷକ ସଂଘର ସଭାପତି ଡ. ଅମୀୟ ମହାନ୍ତି, ଏଆଇଟିୟୁସି ରାଜ୍ୟ ସମ୍ପାଦକ ବିଜୟ ଜେନା, ସିପିଆଇ ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ଉତ୍କଳ ମହିଳା ସମିତିର ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଧ୍ରୁବ ମାଷ୍ଟ୍ରେଙ୍କ ପରଲୋକ

ନନ୍ଦନକାନନ, ୧୫।୬ (ସମିସ): ଗଣ୍ଡରପୁର ନିବାସୀ ଭୁବନେଶ୍ୱର ବଡଗଡ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଧ୍ରୁବ ଚରଣ ରଥଙ୍କର ପରଲୋକ ହୋଇଛି। ୯୨ ବର୍ଷ ବୟସରେ ଉପନୀତ ହୋଇ ବାର୍ଦ୍ଧକ୍ୟ ଜନିତ କାରଣରୁ ପିଡିତ ଥିଲେ। ସେ ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳରେ ଧ୍ରୁବ ମାଷ୍ଟ୍ରେ ଭାବେ ଜଣାଶୁଣା। ଗଣ୍ଡରପୁର ଗ୍ରାମ ଶ୍ମଶାନରେ ମୃତଦେହ ସଂସ୍କାର କରାଯାଇଛି। ଜ୍ୟେଷ୍ଠ ପୁତ୍ର ସାରଦା ପ୍ରସାଦ ରଥ ମୁଖାଗ୍ନି ଦେଇଥିଲେ। କନିଷ୍ଠ ପୁତ୍ର ଦୁର୍ଗାପ୍ରସାଦ ରଥ ଉପସ୍ଥିତ ଥିଲେ।

## ଆମ ରାଜଧାନୀ ଆମ ଐତିହ୍ୟ — ବାଲୁକା ପଥରରେ ନିର୍ମିତ ଭୈରଙ୍ଗେଶ୍ୱର ମନ୍ଦିର



ଭୁବନେଶ୍ୱର,୧୫।୬(ସମିସ)

ମନ୍ଦିରମାଳିନୀ ସହର ଭାବରେ ପରିଚିତ ରାଜଧାନୀ ଭୁବନେଶ୍ୱର। ଏଠାରେ ପ୍ରତି ଛକରେ ପୁରାତନ ମନ୍ଦିର ଦେଖିବାକୁ ମିଳେ। ସେହିଭଳି ଭୁବନେଶ୍ୱର ସହରଠୁ ୧୨ରୁ ୧୩ କିଲୋମିଟର ଦୂରରେ ରହିଛି ଧଉଳି ଶାନ୍ତିସ୍ତୂପ। ସେହି ବାଟରେ ଗଲେ ଧଉଳିଠାରୁ ଆଉ ତିନି କିମି ଆଗକୁ ରହିଛି ଅଷ୍ଟମ ଶତାବ୍ଦୀର ଭୈରଙ୍ଗେଶ୍ୱର ମନ୍ଦିର। ସହରଠୁ ଦୂର ଦୟାନଦୀ କୂଳରେ ଥିବା ଏକ ଛୋଟିଆ ଗାଁ ଖଟୁଆପଡ଼ାରେ ରହିଛି ଶିବଙ୍କୁ ସମର୍ପିତ ଏହି ମନ୍ଦିର।

ମନ୍ଦିରମାଳିନୀ ସହର ରାଜଧାନୀରେ କେତେ ଯେ ପୁରାତନ ମନ୍ଦିର ଆଜି ବି ଇତିହାସ ବଖାଣି ଛିଡା ହୋଇଛନ୍ତି। ଯେଉଁଠି ପ୍ରତ୍ୟେକ ମନ୍ଦିର ଭିନ୍ନ ଇତିହାସ ଓ କାହାଣୀ କୁହେ। ଗୌରବମୟ ଇତିହାସର ପ୍ରତୀକ ସାଜେ। ସେଥିପାଇଁ ତାର ରକ୍ଷଣାବେକ୍ଷଣର ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଦିଆଯାଇଛି। ସେହି ଐତିହ୍ୟ କୀର୍ତ୍ତିରାଜି ମଧ୍ୟରୁ ଅନ୍ୟତମ ହେଉଛି ଭୈରଙ୍ଗେଶ୍ୱର ମନ୍ଦିର। ପଞ୍ଚରଥ ଶୈଳୀରେ ମନ୍ଦିରଟି ନିର୍ମିତ ହୋଇଥିବାବେଳେ ଏହା ପଶ୍ଚିମାଭିମୁଖୀ ଅଟେ। ଏହା ଧୂସର ବାଲିଆ ପଥରରେ ଅଷ୍ଟମ ଶତାବ୍ଦୀରେ ନିର୍ମିତ ହୋଇଛି। ଯାହା ବର୍ତ୍ତମାନ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରକ୍ଷଣାବେକ୍ଷଣ ହେଉଛି। ସୋମବଂଶୀ ସମୟରେ ନିର୍ମିତ ହୋଇଥିବା ଏହି ମନ୍ଦିରର ପରବର୍ତ୍ତୀ ସମୟରେ ମନ୍ଦିରର ଆଉ କିଛି କାରୁକାର୍ଯ୍ୟ ଗଙ୍ଗ ବଂଶ ସମୟରେ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ସେହିପରି କଳିଙ୍ଗ ସ୍ଥାପତ୍ୟର ପ୍ରାରମ୍ଭିକ ପର୍ଯ୍ୟାୟର ଭଗବାନ ଶିବଙ୍କ ପ୍ରତିକୃତି, ଯେଉଁଠାରେ ଜଗମୋହନ ଏକ ଭିନ୍ନ ସଂରଚନାରେ ବିଦ୍ୟମାନ। ସେହି ପରିସରରେ ଭଗବାନ ଗଣେଶଙ୍କ ଆଉ ଏକ ଛୋଟିଆ ମନ୍ଦିରଟିଏ ରହିଛି। ବିଶ୍ୱାସ କରାଯାଏ ଲିଙ୍ଗରାଜ ମନ୍ଦିର ପରିସରରେ ଥିବା ଗଣେଶଙ୍କ ମୂର୍ତ୍ତି ପରେ ଏହା ଦ୍ୱିତୀୟ ସ୍ଥାନ ଯେଉଁଠି ଗଣେଶଙ୍କ ମୂର୍ତ୍ତିର ଉଚ୍ଚତା ଅଧିକ। ଶିବରାତ୍ରି, କାର୍ତ୍ତିକ ପୂର୍ଣ୍ଣମୀ, ରଜ ଏବଂ ଜଳ କ୍ରୀଡା ଭଳି ପର୍ବ ଏଠାରେ ବେଶ୍ ଧୂମଧାମରେ ପାଳନ ହୋଇ ଆସୁଛି। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ଏଠାରେ ପୂଜାକଲେ ମନସ୍କାମନା ପୂରଣ ହେବା ସହ ସମସ୍ତ ସମସ୍ୟା ଦୂର ହୋଇଥାଏ।

# କଟକ ସିଟି





## ରଜ ସଂକ୍ରାନ୍ତିରେ ଉତ୍ସବମୁଖର ଗୌରୀପ୍ୟନଗରୀ...

# ପାନ, ସେଲ୍ଫି ଓ ରିଲ୍ସରେ ଜମୁଛି ସହରୀ ରଜ

"ରଜ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି- ରଜବତୀ ହେବା। ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ମାଟି ରଜସ୍ୱଳା ହୋଇ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ। ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ୩ ଦିନ ପାଇଁ ବିରତି ନେଇଥାନ୍ତି। ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସହ ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଦିବସଟି ପାଳନ କରାଯାଇଥାଏ। ଏସବୁ ଯଦିଓ ଉଭୟ ଗ୍ରାମୀଣ ଓ ସହରୀ ରଜରେ ଜଡ଼ିତ ରହିଛି ସମୟ ଅନୁସାରେ ପର୍ବର କଳେବର ବଦଳୁଛି। ଆଜିଥିଲା ରଜ ସଂକ୍ରାନ୍ତି ବା ମଝି ରଜ। ସେଲ୍-ଫି' ଓ ରିଲ୍ସରେ ଜମୁଛି ଏହି ସହରୀ ରଜ। ଦୋଳି ଝୁଲା ହେଉ କି ବଜାର ବୁଲା, ଲୁଡୁ ଓ ତାସର ଖେଳ ହେଉ କି ପାନଖିଆ- ସବୁଟିର ଦୃଶ୍ୟକୁ ଆଜିକାର ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ କରି କଟକିଆ ପାଳୁଛନ୍ତି ଓଡ଼ିଆ ମାଟିର ସର୍ବଶ୍ରେଷ୍ଠ ଉତ୍ସବ ତଥା ଗଣପର୍ବ ରଜ..."

କଟକ,୧୫।୬(ସମିସ)

ରଜ ସଂକ୍ରାନ୍ତି ଅବସରରେ ଆଜି ଗୌରୀପ୍ୟନଗରୀ ହୋଇଥିଲା ଉତ୍ସବମୁଖର। ପିଠା, ମିଠା, ମନ୍ଦିର ଦର୍ଶନ ଏବଂ ସେଲ୍ଫିରେ ଜମିଥିଲା ରଜ ସଂକ୍ରାନ୍ତି। ଆଜି ସାରା ସହରରେ ବିଭିନ୍ନ ଅନୁଷ୍ଠାନ ଏବଂ ସାହିବସ୍ତିରେ ଧୂମ୍‌ଧାମରେ ପାଳନ କରାଯାଇଛି ରଜର ଦ୍ୱିତୀୟ ଦିନ। ମନ୍ଦିର ଦର୍ଶନରୁ ଆରମ୍ଭ କରି ସିନେମା ଦେଖା ପର୍ଯ୍ୟନ୍ତ, ଦୋଳି ଝୁଲିବା ଠାରୁ ଆରମ୍ଭ କରି ଫିଂବନ୍ଧରେ ବୁଲାବୁଲି ଯାଏଁ ଏବଂ ସାହିବସ୍ତିରେ ଏକତ୍ରିତ ହୋଇ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଭିତରେ ରଜର ମହକ ବାରି ହୋଇ ପଡ଼ିଥିଲା। ପହିଲି ରଜ ଭଳି ଆଜି ମଧ୍ୟ ଯୁବକ/ଯୁବତୀମାନେ ସହରରେ ରଜ ଅବସରରେ ବୁଲାବୁଲି କରିଥିଲେ। ବୋଟ୍ କ୍ଲବ୍, ନେତାଜୀ ମ୍ୟୁଜିୟମ୍, ବାରବାଟୀ ଦୁର୍ଗ, ବାଲିଯାତ୍ରା ପଡ଼ିଆ, ଯୋବ୍ରା ମାରିଟାଇମ୍ ମ୍ୟୁଜିୟମ, ମହାନଦୀ ନୌକା ବିହାର ଭଳି ସହରର ବିଭିନ୍ନ ଦର୍ଶନୀୟସ୍ଥାନରେ ପ୍ରବଳ ଗହଳି ଲାଗିଥିଲା। ସେହିପରି ଆଜି ସକାଳୁ ଚଣ୍ଡି ମନ୍ଦିର, ଗଡ଼ଗଡେଶ୍ୱର ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ଖାନନଗର ଜଗନ୍ନାଥ ମନ୍ଦିର, ଯୋବ୍ରା ପାରେଶ୍ୱର ମନ୍ଦିର ଭଳି ସାରା ସହରରରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିରରେ ସହରବାସୀ ରଜ ସଂକ୍ରାନ୍ତି ଉପଲକ୍ଷେ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଝୋଟି ପକାଇବା, ସଂଗୀତ ପ୍ରତିଯୋଗୀତା, ସାହିତ୍ୟ ଆସର ଏବଂ ଖେଳକୁଦ ପ୍ରତିଯୋଗିତା କରାଯାଇଥିଲା। ବିଶେଷ କରି ବସ୍ତି ଗୁଡ଼ିକରେ ରଜପର୍ବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ସହିତ ରଜଦୋଳିର ମଜା ନେଇଥିଲେ ଯୁବତୀ ତଥା ମହିଳାମାନେ। ପାଦରେ ଅଳତା, ମଥାରେ କୁଙ୍କୁମ ଏବଂ ନବବସ୍ତ୍ର ପରିଧାନ କରି ରଜପର୍ବର ମଜା ନେଇଥିଲେ। ଫିଂବନ୍ଧ ଉଠା ପାନ ଦୋକାନ ସମେତ ସହରର ବିଭିନ୍ନ ସ୍ଥାନରେ ରଜପାନର ସ୍ୱାଦ ନେବାକୁ ଦୋକାନରେ ଗ୍ରାହକଙ୍କ ଭିଡ଼ ଜମିଥିଲା। ଘରେ ଘରେ ପିଠାପଣା ସହିତ ନିରାମିଷ ବ୍ୟାଞ୍ଜନ ପରସା ଯାଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ତାସ୍, ଲୁଡୁ ଓ ବାଗୁଡ଼ି ତଥା କବାଡି ଖେଳର ଆସର ଜମିଥିଲା।

ଆସନ୍ତା କାଲି ହେଉଛି ଶେଷ ରଜ ବା ଭୂମି ଦହନ। ପରଦିନ ଅର୍ଥାତ ଶନିବାର ବସୁମତୀ ସ୍ନାନ ପାଳନ କରାଯିବ। ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ବା ଶୁଦ୍ଧ ସ୍ନାନ ନାମରେ ବିବେଚିତ। ଭୋର ସମୟରେ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜ୍ଜଳ ଦେଇ ଧରଣୀ ମାତାଙ୍କ ପ୍ରତିରୂପକୁ ସଜାଇ ପିଢ଼ା ଉପରେ ଉପସ୍ଥାପନା କରି କ୍ଷୀର ଦେଇ ସ୍ନାନ କରାଯିବ। ମାସିକ ଧର୍ମର ବିଧି ଅନୁସାରେ ଧରଣୀ ମାତା ୩ଦିନ ବିଶ୍ରାମ କରିବା ପରେ ସ୍ନାନ କରି ଶୁଦ୍ଧ ତଥା ପବିତ୍ର ହୋଇଥାଆନ୍ତି। ମାର୍ଗଶୀର ଶେଷ ଗୁରୁବାର ଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀଙ୍କ ପେଡି ଏହି ଦିନ ଖୋଲା ଯାଇଥାଏ। ରଜସ୍ୱଳା ନାରୀ ସଦୃଶ୍ୟ ୩ଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ୪ର୍ଥ ଦିନ ପ୍ରାତଃକାଳରେ ଏହି ସ୍ନାନପର୍ବକୁ ପ୍ରତ୍ୟେକ ଓଡ଼ିଆ ଘରର ନାରୀମାନେ ପୂଜାବିଧି ଅନୁସାରେ ପାଳନ କରିଥାଆନ୍ତି। ରଜପର୍ବର ଆନନ୍ଦ ଓ ଉଲ୍ଲାସ ମଉଳି ଯାଇ ଏହି ଦିନଟି ଆଧ୍ୟାତ୍ମିକତାର ସ୍ଥାନ ନେଇଥାଏ। ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ। ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳ ଅର୍ଥାତ ଶସ୍ୟ ବୀଜ ଧାରଣକାରିଣୀ ହୋଇ ଥାଆନ୍ତି। ଏମିତି ରୀତିନୀତି ଅନୁସାରେ ଶେଷ ରଜ ସହରବାସୀ ପାଳନ କରିବେ। ବର୍ଷକୁ ଥରେ ଆସୁଥିବା ଏହି ରଜପର୍ବ ଏଥର ଶେଷ ହୋଇଯିବ। ପୁଣି ଆର ବର୍ଷକୁ ଅପେକ୍ଷା।







## ଫକୀର ମୋହନ ସେନାପତି ଓଡ଼ିଆ କଥା ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା

**କଟକ,୧୫।୬(ସମିସ):** କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୦୮ ତମ ଶ୍ରାଦ୍ଧବାର୍ଷିକୀ ଓ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଖାନନଗରସ୍ଥିତ ସମିତିର ସଭାଗୃହରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡଃ ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟ ଅତିଥି, ଡ. ସୁନାମଣି ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବ୍ୟାସକବି ଫକୀର ମୋହନ ଆଧୁନିକ ଓଡ଼ିଆ କଥା ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା। ଓଡ଼ିଶାର ସାଂସ୍କୃତିକ ଓ ସାମାଜିକ ସଂଗ୍ରାମରେ ଓଡ଼ିଆ ଭାଷା ବିଲୋପ ଚକ୍ରାନ୍ତ ବିରୋଧରେ ହୋଇଥିବା ଆନ୍ଦୋଳନରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ରଜ ମହୋତ୍ସବ ପାଳନ ଅବସରରେ ଦୟାନିଧି ସ୍ମୃତି କଳା ପରିଷଦର ସଂପାଦିକା ଡ଼ଃ ବିଜୟଲକ୍ଷ୍ମୀ ଦାଶଙ୍କ ସାଥି କଳାକାରମାନେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ। ସର୍ବଶ୍ରୀ ମାଧବ ମିଶ୍ର, ସମରେନ୍ଦ୍ର ଘୋଷ, ପ୍ରମୋଦ କୁମାର ମିଶ୍ର, ବିଜୟ କୁମାର ନାଥ, ହାସ୍ୟବ୍ୟଙ୍ଗ କବି ଲକ୍ଷ୍ମୀଛଡ଼ା, ସୌଭାଗିନୀ ଜେଠୀ, ରଜତ କୁମାର ମିଶ୍ର, ବୀରେଶ କୁମାର ମହାପାତ୍ର, ନଜରୁଲ ଇସଲାମ୍, ରବୀନ୍ଦ୍ରନାଥ ପଣ୍ଡା, ସୁରଜିତ ସିଂହ, ଅର୍ଚ୍ଚନା ରାଣୀ ଭୂୟାଁ, ଅରୁଣା ସାମନ୍ତରାୟ, ଭବାନୀ ବାରିକ, ସୁଷମା ବାରିକ, ମାନସୀ ପାତ୍ର, ବିଜୟ କୁମାର ପାତ୍ର, ଅଶ୍ୱିନୀ କୁମାର ସେଠୀ, ଆଦିତ୍ୟ ପ୍ରତାପ ଧଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂଗଠନ ସଂପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାରବାଟି ବରିଷ୍ଠ ନାଗରିକ ସଂଘର ରଜ ମହୋତ୍ସବ



**କଟକ,୧୫।୬(ସମିସ):** ବାରବାଟି ବରିଷ୍ଠ ନାଗରିକ ସଂଘର ରଜ ମହୋତ୍ସବ ପିଠାପୁର ସ୍କୁଲ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ସଭାପତି ତୁଷାର ମହାପାତ୍ର ଓ ସମ୍ପାଦକ ମନୋଜ ମହାପାତ୍ରଙ୍କ ପରିଚାଳନା ରେ ସମସ୍ତ ସଭ୍ୟ ସଭ୍ୟା ଭାଗନେଇ ଭାବର ଆଦାନ ପ୍ରଦାନ, କବିତା ପାଠ, ସଂଗୀତ ପରିବେଷଣ ସହିତ ପୋଡ଼ପିଠା ଓ ସ୍ୱାଦିଷ୍ଟଖାଦ୍ୟ ସେବନ କରି ଏହି ଉତ୍ସବକୁ ଉପଭୋଗ କରିଥିଲେ। ସଭାରେ ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ବିଶେଷ ଆଲୋଚନା ମଧ୍ୟ ହୋଇଥିଲା। ପଞ୍ଚମ ବାର୍ଷିକ ଏହି ଉତ୍ସବରେ ସ୍ଥାନୀୟ ବିଜେପି ନେତା ଲଲାଟେନ୍ଦୁ ବଡୁ ଯୋଗଦେଇ ଏହି ମହତ ଉଦ୍ୟମ କୁ ଭୁୟସୀ ପ୍ରଶଂସା କରିଥିଲେ। ବିଜୟ କୁମାର ମହାପାତ୍ର ସଭିଙ୍କୁ ରଜ ପାନ ଅର୍ପଣ କଲା ପରେ ବିଜୟ କୁମାର ବେହେରା ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରଜ ପର୍ବରେ ମହିଳାଙ୍କୁ ସମ୍ମାନ

## ସିଡିଏ ଓ ଏମ୍‌ଡିଏ ପକ୍ଷରୁ ରେଡ୍ ବକ୍ସ ଓ ବ୍ଲାକ୍ ବକ୍ସ ଉଦ୍‌ଘାଟିତ



**କଟକ,୧୫।୬(ସମିସ):** କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଓ ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ(ଏମଡିଏ) ଆନୁକୂଲ୍ୟରେ ରଜ ମହୋତ୍ସବ-୨୦୨୬ ସ୍ଥାନୀୟ ଜଗନ୍ନାଥ ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଡିଏ ସଭାପତି ସଞ୍ଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ସିଡିଏର ଉପାଧ୍ୟକ୍ଷା ତଥା ସିଏମସି କମିଶନର କିରଣ ଦୀପ କୌର ସହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ସାନିଟାରୀ ବର୍ଜ୍ୟବସ୍ତୁ ପାଇଁ ରେଡ ବକ୍ସ ଓ ଘରୋଇ ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ପାଇଁ ବ୍ଲାକ ବକ୍ସକୁ ଉଦଘାଟନ କରିଥିଲେ। ସେ କହିଥିଲେ ଯେ, ଋତୁସ୍ରାବ ହେଉଛି ନାରୀ ଜୀବନର ଏକ ସ୍ୱାଭାବିକ ଏବଂ ଈଶ୍ୱରପ୍ରଦତ୍ତ ପ୍ରକ୍ରିୟା। ଏହା କୌଣସି ଲଜ୍ଜାର ବିଷୟ ନୁହେଁ, ବରଂ ନାରୀତ୍ୱର ଏକ ବିଶେଷ ପରିଚୟ। ପୂର୍ବରୁ ଋତୁସ୍ରାବକୁ ନେଇ ସମାଜରେ ବିଭିନ୍ନ ପ୍ରକାରର ଭ୍ରାନ୍ତ ଧାରଣା ରହିଥିଲା ଏବଂ ଅନେକ ମହିଳା ଏହି ସମୟରେ ନିଜକୁ ଲଜ୍ଜିତ ଅନୁଭବ କରୁଥିଲେ। କିନ୍ତୁ ବର୍ତ୍ତମାନ ସମୟ ବଦଳିଛି। ସରକାର ଏବଂ ବିଭିନ୍ନ ଅନୁଷ୍ଠାନ ମହିଳାମାନଙ୍କ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ସଚେତନତା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛନ୍ତି। ତେଣୁ ଋତୁସ୍ରାବ ସମୟରେ ନିଜକୁ ହୀନମନ୍ୟତା କିମ୍ବା ଲଜ୍ଜାବୋଧ ନ ରଖି, ଉପଯୁକ୍ତ ସ୍ୱଚ୍ଛତା ବଜାୟ ରଖିବା ସହ ସାନିଟାରି ପ୍ୟାଡ୍ ବ୍ୟବହାର କରିବା ଉଚିତ ବୋଲି କମିଶନର କହିଥିଲେ। ସମ୍ମାନିତ ଅତିଥି ଭାବେ ସିନେ ତାରକା ତଥା ବିଜେପି ନେତା ଶ୍ରୀତମ ଦାସ, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ ଯୋଗଦେଇ ରଜ ମହୋତ୍ସବର ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ ଆଭାସୀ ମାଧ୍ୟମରେ ଯୋଗଦେଇ ହଜିଯାଉଥିବା କଳା ସଂସ୍କୃତିର ପର୍ବ ରଜପର୍ବକୁ ଆୟୋଜନ କରିଥିବା ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ସାହିତ୍ୟିକ ତଥା ଔପନାସିକ ବିଜୟ ମଲ୍ଲ ମଞ୍ଚ ପରିଚାଳନା କରିଥିଲେ। ଏହି ରଜ ଉତ୍ସବରେ ରଜ ଦୋଳି, ପୋଡ ପିଠା, ରଜ କୁଇନ, ଓଡିଶୀ ନୃତ୍ୟ, ମହିଳା ସଶକ୍ତିକରଣ ଭିତିକ କାର୍ଯ୍ୟକ୍ରମ, ପିଲାମାନଙ୍କ ଜ୍ଞାନ କୌଶଳ, ମେହେନ୍ଦି-ଅଳତା, ରଙ୍ଗୋଲି, ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ହସ୍ତଶିଳ୍ପ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କୃତି ପ୍ରତିଯୋଗୀଙ୍କ ସମେତ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପ୍ରତିଭାଧାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଏମଡିଏ ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଜ୍ଞାନରଞ୍ଜନ ଦାସ, କୋଷାଧ୍ୟକ୍ଷ ପ୍ରଭାକର ରଣା, ମହିଳା ସମିତିର ସମ୍ପାଦକ ମଧୁସ୍ମିତା ନମିତା ଦାଶ, ଚତୁର୍ଭୁଜ ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ଅନୁଷ୍ଠାନର ସାଂସ୍କୃତିକ ଆବାହକ ସୁଶାନ୍ତ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସ୍କେଟ ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ



**କଟକ,୧୫।୬(ସମିସ):** ଗତ କାଲି ସନ୍ଧ୍ୟାରେ ତିନି ଦିନ ଧରି ଚାଲୁଥିବା ପ୍ରଥମ ମନୋଜ କୁମାର ମେମୋରିଆଲ ବାସ୍କେଟ ବଲ ପ୍ରତିଯୋଗିତା ବାରବାଟି ଷ୍ଟାଡିୟମ ପରିସର କୋର୍ଟରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡିଶା, ଝାଡ଼ଖଣ୍ଡ ଓ ସୁଦୂର କେନିଆରୁ ଅଣ୍ଡର୍ ୨୩ ଗ୍ରୁପରୁ ପୁରୁଷ ଓ ମହିଳା ବିଭାଗରେ ଷୋହଳଟି ଦଳ ଭାଗନେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟେନ୍ଦୁ ବଡୁ ଓ ଓଡିଶା ବାସ୍କେଟ ବଲ ଆସୋସିଏସନ ସମ୍ପାଦକ ଅଶୋକ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆୟୋଜକ, ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ଏବଂ ପୁରସ୍କାର ବଣ୍ଟନ କରିଥିଲେ। ପୁରୁଷ ବିଭାଗରେ ଏମ୍ ଥ୍ରୀ ପାନ୍ଥର୍ସ ଚମ୍ପିୟାନ ଓ ରୋଭର୍ସ ଟିମ ରନର୍ସଅପ ହୋଇଥିଲା ବେଳେ ମହିଳା ବିଭାଗ ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଚମ୍ପିୟାନ ଓ ଟିମ ଏଣ୍ଟର୍ଟେନର, କଟକ ରନର୍ସ ଅପ ହୋଇଥିଲେ। ଓଡିଶା ବାସ୍କେଟ ବଲ ଆସୋସିଏସନ ସଭାପତି ଶ୍ରୀ ଜ୍ଞାନ ରଞ୍ଜନ ପରିଡା ଏକଜୁଟିଭ ମେମ୍ବର ସତୀଶ ସାହୁ, ରାଜେଶ ଜେନା, ବରିଷ୍ଠ ଖେଳାଳୀ କାର୍ତ୍ତିକ ବେହେରା, ଅର୍ଗାନାଇଜିଙ୍ଗ ସେକ୍ରେଟାରୀ ବ୍ରହ୍ମାନନ୍ଦ ବେହେରା, ବାରବାଟି ବାସ୍କେଟ ବଲ ଗ୍ରୁପ ସଭାପତି ପ୍ରଦୀପ ରାଓ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।

## ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଟକ,୧୫।୬(ସମିସ) :** ବିଶିଷ୍ଟ ସାରସ୍ୱତ ସାଧକ, ନାଟ୍ୟକାର ଜଗନ୍ନାଥ ପ୍ରସାଦ ଦାସଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଆଜି ସି.ଡ଼ି.ଏ. ସେକ୍ଟର-୭ରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡକ୍ଟର (ଇଂ) ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉତ୍କଳ ସାହିତ୍ୟ କଳାପରିଷଦର ସାଧାରଣ ସମ୍ପାଦକ ସଂଜିତ୍ କୁମାର ପଟ୍ଟନାୟକ, ସାହିତ୍ୟିକ ଡକ୍ଟର ଭାଗବତ ଶୁକ୍ଳ, କଥାକାର ତରୁଣକୁମାର ସାହୁ, ପ୍ରଫେସର୍ ଉମାଶଙ୍କର ମିଶ୍ର, ବଂଶୀଧର ରାଉତ, ଡାକ୍ତର ସତ୍ୟ ରାଉତରାୟ, ଡାକ୍ତର ନିରଞ୍ଜନ ତ୍ରିପାଠୀ, ଡାକ୍ତର ନିମାଇଁଚରଣ ପରିଜା, ଡାକ୍ତର ନିରଞ୍ଜନ ରାଉତ, ପ୍ରସନ୍ନ କୁମାର ଜେନା, ମାନସ ରଂଜନ ମହାପାତ୍ର, ମିହିରକାନ୍ତି ଦାସ, ମୀନତି ପଟ୍ଟନାୟକ, ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ, ରେଣୁକା ରଥ, ଦ୍ୱାରିକାନାଥ ମହାରଣା, ପ୍ରତିଭା ପରିଡା, ସୁରେଶ ମହାପାତ୍ର, ସୁଚିତ୍ରା ମହାନ୍ତି, ତ୍ରିନାଥ ପଟ୍ଟନାୟକ, ଅଶୋକ ନାଥ, ଡକ୍ଟର ସୁରେନ୍ଦ୍ରନାଥ ତ୍ରିପାଠୀ, ସଚ୍ଚିଦାନନ୍ଦ ପାଢ଼ି, ଚିତ୍ତରଞ୍ଜନ ମହାପାତ୍ର, ରାଜକିଶୋର ପଣ୍ଡା, ସୁଶାନ୍ତ ହରିଚନ୍ଦନ, ବିଭୂପ୍ରସାଦ ପୃଷ୍ଟି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଶ୍ରୀରାଧାଗୋବିନ୍ଦଜୀଉ କ୍ଲବ୍ ପକ୍ଷରୁ ରଜ ମହୋତ୍ସବ



**କଟକ,୧୫।୬(ସମିସ):** ଜଗତପୁର ୪୮ନଂ ୱାର୍ଡ ଅନ୍ତର୍ଗତ ଭୁବନପୁର ଗ୍ରାମସ୍ଥିତ ଶ୍ରୀଶ୍ରୀ ରାଧାଗୋବିନ୍ଦଜୀଉ କ୍ଲବ୍ ଆନୁକୂଲ୍ୟରେ ପ୍ରଥମଥର ପାଇଁ ରଜ ମହୋତ୍ସବ ପାଳିତ ହୋଇଯାଇଛି। କ୍ଲବ୍ ସଂଯୋଜିକା ଇତିଶ୍ରୀ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସାଂସଦ ଡଃ ସଂତୃପ୍ତ ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ, ଜିଲ୍ଲା ଯୁବ ବିଜେଡି ସଭାପତି ସ୍ମୃତି ରଞ୍ଜନ ନାୟକ,ସିଏମସି ଡେପୁଟି-ମେୟର ଦମୟନ୍ତୀ ମାଝୀ, ସିଏମଡ଼ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ମହାନଗର ବିଜେଡି କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା ଓ ପୂର୍ବତନ କର୍ପୋରେଟର ନିରୋଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ମହୋତ୍ସବ କମିଟିର କର୍ମକର୍ତ୍ତାଙ୍କୁ ଭୂୟସୀ ପ୍ରଂଶସା କରିବା ସହିତ କ୍ଲବ୍ ପକ୍ଷରୁ ଅତିଥି ମାନଙ୍କୁ ବିଭିନ୍ନ ପ୍ରକାରର ପିଠା, ରଜପାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ଲବ୍ ମହିଳା ଗ୍ରୁପ ସଦସ୍ୟାଙ୍କ ଦ୍ୱାରା ପରିଚାଳନା କରାଯାଇଥିବା ବେଳେ କବି ମନୋରଞ୍ଜନ ପଣ୍ଡା ସଭା ମଞ୍ଚ ସଞ୍ଚାଳନ କରିଥିଲେ।

### ଜୁନ୍‌ରେ ନିଅଣ୍ଟିଆ ବର୍ଷା; କେନାଲ ପାଣି ଯୋଗାଣ ବିଳମ୍ବିତ

## ଏଥର ବିଳମ୍ବ ହେବ ଖରିଫ ଧାନ ଚାଷ

କଟକ,୧୫।୬(ସମିସ)



ଜୁନ୍ ମାସ ସରିବାକୁ ବସିଥିବା ବେଳେ ଆବଶ୍ୟକ ମୁତାବକ ବର୍ଷା ନ ହେବା କାରଣରୁ ଜିଲ୍ଲାର ପ୍ରାୟ ୧୪ଟି ବ୍ଲକରେ ଖରିଫ ଧାନ ଚାଷ ଗଭୀର ଭାବେ ପ୍ରଭାବିତ ହେବା ନେଇ ଆଶଙ୍କା ଉପୁଜିଛି। ଏହା ସହିତ ବର୍ତ୍ତମାନ କେନାଲ କାମ ଚାଲୁଥବାରୁ କେନାଲ ଜଳସେଚନର ସୁବିଧା ପହଞ୍ଚିବା ବିଳମ୍ବ ହୋଇଥିବାରୁ ଚାଷୀମାନଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଇଛି। ଜିଲ୍ଲା କୃଷି ବିଭାଗ ଚଳିତ ଖରିଫ ଋତୁରେ ୧,୩୫,୦୧୩ ହେକ୍ଟର ଜମିରେ ଧାନ ଚାଷ ଏବଂ ୨,୨୯୦ ହେକ୍ଟର ଜମିରେ ଡାଲିଜାତୀୟ ଶସ୍ୟ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଧାନ ଚାଷ ପାଇଁ ଚାଷୀମାନେ ବିହନ ସଂଗ୍ରହ କରିବା ସହ ବୁଣିବା ଓ ତଳି ରୋପଣ ପାଇଁ ଦୁଇ ଦୁଇ ଥର ଜମି ହଳ କରି ସାରିଛନ୍ତି। ମାତ୍ର ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ଆଗକୁ ବଢ଼ାଇବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଚାଷୀଙ୍କ କହିବାନୁସାରେ ସେମାନେ ଅକ୍ଷୟ ତୃତୀୟା ପର ଠାରୁ ସେମାନେ ଜମି ହଳ କରି ପ୍ରସ୍ତୁତ ରଖିଛନ୍ତି। କିନ୍ତୁ ବର୍ଷା ଅଭାବ ଏବଂ କେନାଲରେ ପାଣି ନ ଥିବାରୁ ଏପର୍ଯ୍ୟନ୍ତ ତଳି ପ୍ରସ୍ତୁତି ପାଇଁ ବିହନ ବୁଣିପାରି ନାହାନ୍ତି। ଜିଲ୍ଲାର ପ୍ରାୟ ୧୨,୯୮୫ ହେକ୍ଟର ଅଣ-ଜଳସେଚିତ ଜମି ରହିଛି, ଯାହା ସମ୍ପୂର୍ଣ୍ଣ ଭାବେ ମୌସୁମୀ ବର୍ଷା ଉପରେ ନିର୍ଭର କରେ। ଏହି ଜମିଗୁଡ଼ିକରେ ଧାନ ଚାଷ ହୋଇପାରିବ କି ନାହିଁ, ସେ ନେଇ ଚାଷୀମାନେ ଗଭୀର ଚିନ୍ତାରେ ଅଛନ୍ତି। ରିପୋର୍ଟ ଅନୁଯାୟୀ, ଜୁନ୍ ମାସରେ ସ୍ୱାଭାବିକ ଭାବେ ୨୧୩ ମିଲିମିଟର ବର୍ଷା ହେବା କଥା, କିନ୍ତୁ ଜୁନ ପ୍ରଥମ ସପ୍ତାହରେ ଜିଲ୍ଲାରେ ଆଦୌ ବର୍ଷା ରେକର୍ଡ କରାଯାଇନି। ତାଳଦଣ୍ଡା କେନାଲର ବିଭିନ୍ନ ସ୍ଥାନରେ ପୋଲ ଓ ୱାଲ ନିର୍ମାଣ ଚାଲୁଥିବା ବେଳେ ପାଣି ଛଡାଯିବା ବେଳକୁ ଜୁଲାଇ ପ୍ରଥମ ସପ୍ତାହ ହେବ ବୋଲି କୁହାଯାଇଛି। ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା କେନ୍ଦ୍ରାପଡ଼ା ଏବଂ ପଟ୍ଟାମୁଣ୍ଡାଇ କେନାଲରେ ପାଣି ଛଡାଗଲେ ତଳି ଘେରା ପ୍ରସ୍ତୁତ ହୋଇପାରିବ। ମୋଟାମୋଟି ଉପରେ ଏଥର ଜିଲ୍ଲାରେ ଖରିଫ ଧାନ ଚାଷ ବିଳମ୍ବିତ ହୋଇଛି। ଚଳିତ ଖରିଫ ଋତୁରେ ଜିଲ୍ଲାରେ ମୋଟ ୧ଲକ୍ଷ ୮୮ହଜାର୨୦୦ ହେକ୍ଟର ଚାଷ ଜମିରେ ବିଭିନ୍ନ ଫସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖା ଯାଇଛି। ସେଥି ମଧ୍ୟରୁ ୧ ଲକ୍ଷ ୩୪ ହେକ୍ଟର ଜମିରେ ଧାନ ଓ ଅବଶିଷ୍ଟ ଜମିରେ ମକା, ଡାଲି ଜାତୀୟ ଫସଲ , ତୈଳବୀଜ , ଝୋଟ ଓ ପନିପରିବା ଚାଷ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଚଳିତ ଥର ଚାଷ ବର୍ତ୍ତମାନ ସୁଦ୍ଧା ଆଦୌ ଅଗ୍ରଗତି କରିପାରିନାହିଁ। ଅନିୟମିତ ବର୍ଷା ଲାଗି ଚଳିତ ଥର ଖରିଫ ଧାନ ବୁଣା ଯେତିକି ଜମିରେ ହେବା କଥା ତାହା ସମ୍ଭବପର ହୋଇନାହିଁ। ଜିଲ୍ଲାରେ ପ୍ରାୟ ୭୦ହଜାର ହେକ୍ଟର ଜମିରେ ଧାନ ବୁଣା ହୋଇଥାଏ। ଅବଶିଷ୍ଟ ଜମିରେ ଧାନ ତଳି ରୁଆ ହୋଇଥାଏ। ଏଥର ଅଧିକ ଜମିରେ ରୁଆ ମାଧ୍ୟମରେ ଚାଷ ହେବ ବୋଲି ଜଣାପଡିଛି।

### ରଜ ଉତ୍ସବ ହେଉଛି ଭାଇଚାରାର ପ୍ରତୀକ

# ସାଲେପୁର ରଜ ଉତ୍ସବରେ ବହୁ ପ୍ରତିଯୋଗୀ ପୁରସ୍କୃତ

ସାଲେପୁର,୧୫ ।୬(ସମିସ): ରଜ ଉତ୍ସବ ହେଉଛି ଭାଇଚାରାର ପ୍ରତୀକ। ସମସ୍ତଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ଓ ଏକତାକୁ ବଜାୟ ରଖିବା ପାଇଁ ବର୍ଷକରେ ଥରେ ରଜ ଉତ୍ସବ ଆସିଥାଏ ବୋଲି ସାଲେପୁର ପ୍ରଥମ ରଜ ମହୋତ୍ସବର ସନ୍ଧ୍ୟା ଅଧିବେଶନରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ରଜ ମହୋତ୍ସବ କମିଟି ଆବାହକ ହରିବନ୍ଧୁ ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସାଲେପୁର ମଧୁମଣ୍ଡପ ପରିସରରେ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ବିତ କୁମାର ଦାସଙ୍କ ସଂଯୋଜନାରେ ବିଷ୍ଣୁ ଚରଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ରୂପେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ତଥା ସାହିତ୍ୟିକ ବ୍ରହ୍ମାନନ୍ଦ ବେହେରା, ମୁଖ୍ୟବକ୍ତା ରୂପେ ପ୍ରଫେସର ହଳଧର ସାହୁ ଓ ସମ୍ମାନିତ ଅତିଥି ଭାବେ ସାଲେପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡଃ ଉମେଶ ଚନ୍ଦ୍ର ପତି, ଶିକ୍ଷାବିତ୍ ଡଃ ଯୁଧିଷ୍ଠିର ଖଟୁଆ, ସାମ୍ବାଦିକ ଶାରଦା ପଣ୍ଡା ପ୍ରମୁଖ ଯୋଗଦେଇ ରଜ ମହୋତ୍ସବ ପାଳନ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ସୂଚନା ଦେଇଥିଲେ। ରଜ ପିଠା ପ୍ରତିଯୋଗିତାରେ ଚିତ୍ତରଞ୍ଜନ ଶତପଥୀଙ୍କ ଝିଅ ସୁଦୀପ୍ତା ମିଶ୍ର ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ରୁକ୍ମଣୀ ବେହେରା ଦ୍ୱିତୀୟ, ମିନତୀ ନାୟକ ତୃତୀୟ ସ୍ଥାନ ହାସଲ କରି ଟ୍ରଫି ଓ ପୁରସ୍କାର ଗ୍ରହଣ କରିଥିଲେ।




ସେହିପରି ଅଳତା କୁଙ୍କୁମ୍ ପ୍ରତିଯୋଗିତାରେ ଲିପିକା ପ୍ରିୟଦର୍ଶିନୀ ପ୍ରଥମ, ସାଧନା ଶ୍ରୀବାସ୍ତବ ଦ୍ୱିତୀୟ, ବିଷ୍ଣୁପ୍ରିୟା ମଲ୍ଲିକ ଓ ଶୁଭଲକ୍ଷ୍ମୀ ସାହୁ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଝୋଟି ପ୍ରତିଯୋଗିତାରେ ଖୁସୀ ସାମଲ ପ୍ରଥମ, ଶୁଭଲକ୍ଷ୍ମୀ ସ୍ୱାଇଁ ଦ୍ୱିତୀୟ, ଲିପିକା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିବାବେଳେ ମୁରୁଜ ପ୍ରତିଯୋଗିତାରେ ଅଙ୍କିତା ମହାନ୍ତି, ବିଷ୍ଣୁପ୍ରିୟା ମଲ୍ଲିକ, ଦିବ୍ୟାଜ୍ୟୋତି ମିଶ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ରୂପେ ଡଃ ହଳଧର ସାହୁ, ପ୍ରାଧ୍ୟାପିକା ମମତା ପଣ୍ଡା, ବୀଣାପାଣି ପାଣିଗ୍ରାହୀ, ଡଃ ମଞ୍ଜୁଶ୍ରୀ ପତି, ଡଃ ଜୟନ୍ତୀବାଳା ପରିଜା, ପ୍ରଜ୍ଞା ପାରମିତା ମହାନ୍ତି, ନିର୍ମଳ ପୃଷ୍ଟି, କାଦମ୍ବିନୀ ସାହୁ, ମିନତୀ ନାୟକ ଯୋଗଦେଇ ଏସବୁ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ କରିଥିଲେ। ଶେଷରେ ସାଲେପୁର ରଜ ମହୋତ୍ସବ କମିଟି କାର୍ଯ୍ୟକର୍ତ୍ତା ହେମନ୍ତ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

### କଳପଡ଼ା ରଜ ମହୋତ୍ସବ ବନ୍ଦ ଘଟଣା

# ଅନୁମତିପତ୍ର ଦେଇ ୨ ଘଣ୍ଟା ପରେ ଫେରାଇନେଲା ପୁଲିସ ପ୍ରଶାସନ

କନ୍ଦରପୁର,୧୫ ।୬(ସମିସ): ୪୨ ମୌଜା ଅନ୍ତର୍ଗତ କଳପଡ଼ା ରଜ ମହୋତ୍ସବ ବନ୍ଦ ଘଟଣା ଉପରେ ୟୁନିଅନ ଫର କଟକ ସଦର ଡେଭେଲପମେଣ୍ଟର ସଭାପତି ରହସ୍ୟ ଉନ୍ମୋଚନ କରିଛନ୍ତି। ପୁଲିସ ପ୍ରଶାସନ ପ୍ରଥମେ ଅନୁମତିପତ୍ର ପ୍ରଦାନ କରି ଟିକେ ଭୁଲ ଅଛି କହି ଉକ୍ତ ପତ୍ରଟି ଫେରାଇ ନେଇ ଆଉ ଦେଇ ନ ଥିଲା ବୋଲି ଅଭିଯୋଗ ହୋଇଛି।

ମିଳିଥିବା ତଥ୍ୟ ଅନୁଯାୟୀ, ଆୟୋଜକଙ୍କୁ କଟକ ଡିସିପିଙ୍କ ଅଫିସରୁ ଅନୁମତି ପତ୍ର ପ୍ରଦାନ କରାଯାଇଥିଲା। ତେବେ ଅନୁମତି ପତ୍ର ଦେବାର ୨ ଘଣ୍ଟା ମଧ୍ୟରେ ସେହି ଅନୁମତି ପତ୍ରକୁ ପୁଣି ଫେରାଇ ନିଆଯାଇଥିଲା। ଯାହାର ଫଳସ୍ୱରୂପ ୧୪ ତାରିଖରେ ହେବାକୁ ଥିବା ରଜ ମହୋତ୍ସବକୁ ପୁଲିସ ପ୍ରଶାସନ ବନ୍ଦ କରିବା ପାଇଁ ତାଗିଦ୍ କରିଥିଲା ବୋଲି ସୋମବାର ୟୁନିଅନର ସଭାପତି ମନୋଜ କୁମାର ନାୟକ କହିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରି ଶ୍ରୀ ନାୟକ କହିଛନ୍ତି ଯେ, ଗତ ୧୩ ତାରିଖ ରାତିରେ ଡିସିପି କାର୍ଯ୍ୟାଳୟ ମହୋତ୍ସବ ପାଇଁ ଅନୁମତି ଦେଇଥିଲେ। କର୍ମକର୍ତ୍ତାମାନେ ଏହି ଚିଠିକୁ ନେଇ କଳପଡ଼ା ଆସୁଥିବାବେଳେ ହଠାତ୍ ଜଣେ ବରିଷ୍ଠ ପୁଲିସ ଅଧିକାରୀ ଅନୁମତି ପତ୍ରରେ କିଛିଟା ତ୍ରୁଟି ରହିଥିବା କହି ସଂଶୋଧନ ପାଇଁ ପୁଣି କାର୍ଯ୍ୟାଳୟକୁ ଆସିବା ପାଇଁ କହି ଚିଠିଟି ନେବା ପରେ ଆଉ ଫେରାଇ ନ ଥିଲେ। ତେବେ ସ୍ଥାନୀୟ ପୁଲିସର କହିବା ଅନୁଯାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜମି ଉପରେ ବିବାଦ ଥିବାରୁ ଅନୁମତି ପତ୍ରକୁ ବାତିଲ କରିଦିଆଯାଇଥିଲା। ନିୟମାନୁଯାୟୀ ଅନୁମତି ପାଇଁ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଡିସିପି ଅନୁମତିପତ୍ର ଦେଇଥା'ନ୍ତି, ମାତ୍ର ଡିସିପି ଅଫିସରୁ ଅନୁମତି ପ୍ରଦାନ କରାଯିବା ପରେ ପୁଣି ତହସିଲଦାର ଉକ୍ତ ଜମିରେ ବିବାଦ ଥିବା କଥା କେମିତି କହିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଥାଉକି, ମେ ମାସ ୨୫ ତାରିଖରୁ ଆରଆଇ ରିପୋର୍ଟ ସହ ତହସିଲ କାର୍ଯ୍ୟାଳୟକୁ ଦରଖାସ୍ତ ଯାଇଥିଲା। ଜୁନ ୧୩ ତାରିଖ ରାତିରେ କଟକ ସଦର ତହସିଲଦାର ଅନୁମତି ଦେଇ ୧୧ ତାରିଖ ଚିଠି ନମ୍ବର ପକାଇଥିଲେ। ଅଲିଖିତ ଭାବେ କଟକ ସଦର ନିର୍ବାଚନମଣ୍ଡଳୀର ଜଣେ ରାଜନେତାଙ୍କୁ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ୟୁନିଅନ୍ ଏକ ସାମାଜିକ ସଂଗଠନ ହୋଇଥିବାରୁ କେବଳ ଜନସେବାମୂଳକ କାର୍ଯ୍ୟ କରିଥାଏ ବୋଲି ନାୟକ ସୂଚନା ଦେଇଥିଲେ। ତେବେ ହଠାତ୍ କାର୍ଯ୍ୟକ୍ରମ ବନ୍ଦ ହୋଇଯିବା ଯୋଗୁଁ ପଞ୍ଜିକୃତ କରିଥିବା ୧୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ଶେଷ ମୁହୂର୍ତ୍ତରେ ନିରାଶ ହୋଇ ଫେରିଯିବାକୁ ପଡ଼ିଥିଲା। ବନ୍ଦ ସମ୍ପର୍କରେ ୪୨ ମୌଜା ଥାନା ଅଧିକାରୀ ହେମନ୍ତ କୁମାର ସେଠୀଙ୍କୁ ପଚାରିବାରୁ ଅନୁମତିପତ୍ର ମିଳି ନ ଥିବାରୁ ମହୋତ୍ସବ ବନ୍ଦ କରିବାକୁ କୁହାଯାଇଥିଲା ବୋଲି ସେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଶରତ କୁମାର ରାୟ, ଆନନ୍ଦ ବେହେରା ଉପସ୍ଥିତ ଥିଲେ।

## ଦୋଳିରେ ଦୋଳିରେ ରଜ କବିତା



ମାହାଙ୍ଗା,୧୫ ।୬(ସମିସ): କଟକ ଜିଲ୍ଲା ମାହାଙ୍ଗା ବ୍ଲକସ୍ଥିତ ଗୋତରା ଗ୍ରାମର ବାବା ବାଲୁଙ୍କେଶ୍ୱର ପୀଠରେ ଅନୁଷ୍ଠିତ ରଜ ମହୋତ୍ସବ ପାଳନ ଅବସରରେ ଏକ ଭିନ୍ନଧରଣର କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କବିତା ପାଠ ଉତ୍ସବରେ ସମସ୍ତ କବି ରଜ ଦୋଳିରେ ବସି ଝୁଲି ଝୁଲି ନିଜସ୍ୱ କବିତା ପାଠ କରିଥିଲେ। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ନାଟ୍ୟକାର ଅଭୟ କୁମାର ଦାସ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ.ଏକାଦଶୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଶଶୀଭୂଷଣ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ପ୍ରଦ୍ୟୁମ୍ନ ବାରିକ, ଶିଶୁ ସାହିତ୍ୟିକ ମହେନ୍ଦ୍ର ଘଡ଼ାଇ, ବରିଷ୍ଠ କବି ପ୍ରଫୁଲ୍ଲ ସିଂହ, ନାଟ୍ୟକାର ନୃସିଂହ ଦାସ, କବି ମନୋଜ ମହାପାତ୍ର, କୁଳମଣି ସାହୁ, ଇତ୍ୟାଦି ଯୋଗଦେଇ ପାରମ୍ପରିକ ରଜ ପର୍ବ ଉପରେ ଆଲୋଚନା କରିବା ସହଦୋଳିରେ ଝୁଲି ଝୁଲି ନିଜସ୍ୱ କବିତା ପାଠ କରିଥିଲେ। କବିତା ପାଠ ଉତ୍ସବକୁ ସଂଚଳନା କରିଥିଲେ କବି ବିଦୁଷୀ ଲବଙ୍ଗ ଲତା ଦେବୀ। ସୁକାନ୍ତ ମାଢେଇ, ଉମେଶ ଦାସ, ଜଗନ୍ନାଥ ଦାସ, ଦେବାଶିଷ ପରିଡା ପ୍ରମୁଖଙ୍କ ସମେତ ବାବା ବାଲୁଙ୍କେଶ୍ୱର ରଜ କମିଟିର ସମସ୍ତ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। କମିଟିର ସଭାପତି ସୁବ୍ରତ ବାରିକ ସମସ୍ତ କବି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ରୋଧପୁରରେ ରଜ ମହୋତ୍ସବ



ସାଲେପୁର,୧୫ ।୬(ସମିସ): ରୋଧପୁର ଗ୍ରାମରେ ରଜ ମହୋତ୍ସବ ପାଳିତ ହେଉଛି। ଆଜି ଦ୍ୱିତୀୟ ରଜରେ ରଜ ଉତ୍ସବ କମିଟି ପକ୍ଷରୁ ସ୍ଥାନୀୟ ଅଞ୍ଚଳର ମହିଳା ଓ ଯୁବତୀ ଏବଂ କୁନି କୁନି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟା ଗୌତମୀ ମଲ୍ଲିକ, ଯୁବ ସଂଗଠକ ଦିଲ୍ଲୀପ ସ୍ୱାଇଁ, ଜ୍ୟୋତିପ୍ରକାଶ ଦାଶ, ବିନୋଦ ମଲ୍ଲିକ, ମନୋଜ ସାମଲ, ଆଶିଷ ମଲ୍ଲିକ, ଚଗଲା ମଲ୍ଲିକ, ଆନନ୍ଦ ସାମଲ, ଗୁଲରେଜ ଅଲ୍ଲୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ରଜ ମହୋତ୍ସବ ୩ ଦିନ ଧରି ଅନୁଷ୍ଠିତ ହେବ।

## ରାଜହଂସରେ ରଜ ମହୋତ୍ସବ

କନ୍ଦରପୁର,୧୫ ।୬ (ସମିସ): କଟକ ସଦର ଅନ୍ତର୍ଗତ ପରମହଂସ ପଞ୍ଚାୟତ ରାଜହଂସଠାରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ତଥା କଟକ ସଦର ବିକାଶ ମଞ୍ଚର ସଭାପତି ସୁବୋଧ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କଟକ ସଦର ପଞ୍ଚାୟତ ସମିତି ତଥା ବିଷ୍ଣୁପ୍ରିୟା ସେବା ସମିତି ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଉଦଘାଟନ କରିଥିଲେ। ଏଥିରେ ରାଷ୍ଟ୍ରବାଦୀ ସଂଘ ସଭାପତି ଇଂ ଗିରିଜା ଶଙ୍କର ପତି, ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ତଥା ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିର୍ମଳ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ଅନୁଷ୍ଠାନ ପକ୍ଷରୁ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କୁ "ବୃକ୍ଷ ରାଣୀ' ସମ୍ମାନରେ ସମ୍ମାନିତ କରାଯିବା ସହିତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ରଜ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମାନସ ବେହେରା, ଗୌତମ ଭୋଇ, ବାବୁ ଭୋଇଙ୍କ ସମେତ ଗ୍ରାମବାସୀ ସହାୟତା କରିଥିଲେ।

## ଭାଣପୁରରେ ରଜ ମହୋତ୍ସବ ଓ ସମ୍ବର୍ଦ୍ଧନା ସଭା

ଫୁଲନଖରା,୧୫ ।୬ (ସମିସ):କଟକ ସଦର ଥାନା ୫୮ନଂ ୱାର୍ଡ ଅନ୍ତର୍ଗତ ଭାଣପୁର ଗ୍ରାମର ଆରାଧ୍ୟା ଦେବୀ ମା' ଦୁଲାଦେଇଙ୍କ ପୀଠସ୍ଥଳୀରେ ସମ୍ବର୍ଦ୍ଧନା ସଭା ଓ ୭୩ତମ ରଜ ମହୋତ୍ସବ



ଉଦ୍‌ଘାଟିତ ହୋଇଯାଇଛି। ଭାଣପୁର ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ଲକ୍ଷ୍ମୀଧର ଜେନା ଓ ଦୁର୍ଗାପୂଜା କମିଟିର ସଭାପତି ପ୍ରମୋଦ କୁମାର ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ସମାଜସେବୀ ପ୍ରଭାତ କୁମାର ନନ୍ଦ, ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, ୫୬ନଂ ୱାର୍ଡ କର୍ପୋରେଟର ଲିପ୍ସା ନାୟକ, ୫୯ନଂ ୱାର୍ଡ କର୍ପୋରେଟର ମମତା ମହାନ୍ତି, ଆଞ୍ଚଳିକ ଶାନ୍ତି କମିଟି ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ଗ୍ରାମ୍ୟ କମିଟି ସମ୍ପାଦକ ଦିଲ୍ଲୀପ କୁମାର ନାୟକ, ଉପସଭାପତି ସନାତନ ରାଉତ ପ୍ରମୁଖ ଯୋଗଦେଇ ଗ୍ରାମର ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀଙ୍କର ନିରବଚ୍ଛିନ୍ନ ପ୍ରଚେଷ୍ଟା ଓ ବୟୋଜ୍ୟେଷ୍ଠ ମୁରବୀ ମାନଙ୍କର ପ୍ରେରଣା ହିଁ ଗ୍ରାମର ସଂସ୍କୃତି ସୁରକ୍ଷାରେ ସହାୟକ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ୩ଦିନ ଧରି ଆୟୋଜିତ ହେବାକୁ ଥିବା ଉକ୍ତ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଗ୍ରାମର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିଥିବା ବ୍ୟକ୍ତି ବିଶେଷ, ନୃତ୍ୟ ପରିବେଷଣ କରିଥିବା କୁନି କୁନି କଳାକାର ଏବଂ ବିଶେଷ କରି ଭାଣପୁର ବିଦ୍ୟାଳୟ ସମୂହର ଚଳିତ ବର୍ଷ ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଗ୍ରାମ୍ୟ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ୍ୟ କମିଟିର କୋଷାଧ୍ୟକ୍ଷ ରାଜେଶ କୁମାର ଭଟ୍ଟ ମଞ୍ଚ ସଞ୍ଚାଳନ କରିଥିବାବେଳେ ନରେଶ ନାୟକ, ରାଜେଶ ଜେନା, ପ୍ରଭାତ ଜେନା, ସରୋଜ ନାୟକ, ପ୍ରଦୀପ ରାଉଳ, ଭରତ ବେହେରା, କାର୍ତ୍ତିକ ଖଟୁଆ ପ୍ରମୁଖ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶରତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସୁନ୍ଦରଗ୍ରାମରେ ରଜ ମହୋତ୍ସବ




କଣ୍ଟାପଡ଼ା,୧୫।୬(ସମିସ): ସୁନ୍ଦରଗ୍ରାମରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏସ୍. ଜି. ସ୍ପୋର୍ଟିଙ୍ଗ ଆନୁକୂଲ୍ୟରେ ଆୟୋଜିତ ଏହି ସାଂସ୍କୃତିକ ମହୋତ୍ସବ ୩ ଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଗ୍ରାମର ଝିଅ ଓ ବୋହୂମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପାରମ୍ପରିକ ଖାଦ୍ୟ ସାମଗ୍ରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗ୍ରାମର ଝିଅମାନଙ୍କ ଦ୍ୱାରା ସତ୍ୟ ଘଟଣା ଉପରେ ଆଧାରିତ ବାସ୍ତବ ଧର୍ମୀ ସାମାଜିକ ନାଟକ 'ଆଖି ଦେଖା କଥା ସତ' ପରିବେଷଣ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ଚିତ୍ତରଞ୍ଜନ ମିଶ୍ର, ଯୋଗଗୁରୁ ଏସ୍‌ପି ବଦ୍ରିନାଥନ, ସାହିତ୍ୟିକ କବି ଅକ୍ଷୟ କୁମାର ମହାନ୍ତି ଓ ପ୍ରାଚୀପ୍ରଜ୍ଞା ପରିଷଦ ଅଧକ୍ଷ ଅଶ୍ୱିନୀ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଲଟପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଖୁଣ୍ଟିଆଙ୍କ ସମେତ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କଟକ ସଦର ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଅସୀମାଙ୍କ ଗୀତରେ ଝୁମିଲେ ଦର୍ଶକ

କିଶନନଗର,୧୫ ।୬(ସମିସ): କିଶନନଗର ହାଟ ତୋଟାରେ



ଆୟୋଜିତ ୪ଦିନିଆ କଟକ ସଦର ରଜ ମହୋତ୍ସବର ୨ୟ ଦିବସରେ ବିଭିନ୍ନ ପ୍ରତିଯୋଗିତାରେ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଚରାକ ଭାବେ କଲେଜର ପୂର୍ବତନ ଅଧକ୍ଷା ପ୍ରାଧ୍ୟାପକ ଦେବେନ୍ଦ୍ର ନାଥ ବାରିକ ମୂଲ୍ୟାୟନ କରିଥିଲେ। ସନ୍ଧ୍ୟା ଅଧିବେଶନରେ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇ ଥିଲେ। ଅନ୍ୟତମ ଅତିଥି ଭାବେ ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ,ପୂର୍ବତନ ବ୍ଲକ ଅଧକ୍ଷ ସାଧୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ଅନ୍ୟ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। କ୍ଷୀତେନ୍ଦ୍ର ମିତ୍ର,ସଞ୍ଜୟ ସାମଲ,ରଘୁନାଥ ଚୌଧୁରୀ, ପ୍ରଶାନ୍ତ ବିଶୋଇ, ବିଦ୍ୟାଧର ବେହେରା,କାର୍ତ୍ତିକ ସାହୁ,ଚନ୍ଦନ ସେଠୀ, ସୁଧାଂଶୁ ଶେଖର ପଣ୍ଡା, ଉମେଶ କର, ଶୁଭେନ୍ଦୁ କୁମାର ସେଠୀ ଏବଂ ତାପସ ମଣ୍ଡଳ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ମନ ମୋହୁଛି ରଜ ପାନ




ଟାଙ୍ଗୀ,୧୫ ।୬(ସମିସ): ଓଡ଼ିଶାର ଗଣପର୍ବ ରଜ ଓଡ଼ିଶାରେ ଧୁମଧାମରେ ପାଳିତ ହେଉଛି। ଏହି କ୍ରମରେ ଟାଙ୍ଗୀ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଦୋଳି ପ୍ରତିଯୋଗିତାଠାରୁ ଆରମ୍ଭ କରି ପାନଭଙ୍ଗା, ପୋଡ଼ ପିଠା, କ୍ରିକେଟ ଓ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ବିଶେଷକରି ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମରେ ଥିବା ଆକାଶ ପାନ ଦୋକାନରେ ରଜପାନ ବାଟୋଇଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ମନ ମୋହୁଥିବା ଦେଖିବାକୁ ମିଳିଛି।

# ଜରୁରିକାଳୀନ ଟ୍ରାନ୍ସଫର୍ମର ସ୍ଥାନାନ୍ତରକୁ ବିରୋଧ

ନରସିଂହପୁର,୧୫ ।୬(ସମିସ): ନରସିଂହପୁର ବ୍ଲକ କାନପୁରସ୍ଥିତ ବିଦ୍ୟୁତ ବିଭାଗ ସେକ୍ସନ କାର୍ଯ୍ୟାଳୟ ପରିସରରେ ଥିବା ଜରୁରୀକାଳୀନ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବା ପାଇଁ କାନପୁର ଜନସାଧାରଣଙ୍କ ତରଫରୁ ଦାବି କରାଯାଇଛି। ଦାବି ମୁତାବକ କାନପୁର ସେକ୍ସନ ଅଫିସଟି ବର୍ତ୍ତମାନ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇସାରିଛି। ମାତ୍ର ଉକ୍ତ ପରିସରରେ ଦୀର୍ଘ ଦିନ ପୂର୍ବରୁ ଜରୁରୀକାଳୀନ ବ୍ୟାକଅପ୍ ଟ୍ରାନ୍ସଫର୍ମରଟିକୁ ମଧ୍ୟ ଆଜି କିଛି ସ୍ଥାନୀୟ କର୍ମଚାରୀ ଏଠାରୁ ସ୍ଥାନାନ୍ତର ପାଇଁ ଚେଷ୍ଟା କରୁଛନ୍ତି। ଫଳରେ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରିବା ସହିତ ଟ୍ରାନ୍ସଫର୍ମରଟି ସେଠାରୁ ନ ନେବାକୁ ପ୍ରତିବାଦ କରୁଛନ୍ତି। ଟ୍ରାନ୍ସଫର୍ମରଟି କାନପୁର ଅଞ୍ଚଳବାସୀଙ୍କର ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଏବଂ ଗ୍ରାମର ବଡ଼ ବଡ଼ ସାମୂହିକ ଯାତ୍ରା ଏବଂ ଉତ୍ସବ ସମୟରେ ବିଦ୍ୟୁତ ସେବା ଚାଲୁ ରଖିବାରେ ଏକମାତ୍ର ବ୍ୟାକଅପ୍ ବ୍ୟବସ୍ଥା ରହିବା ସହିତ ମୁଖ୍ୟ ଟ୍ରାନ୍ସଫର୍ମର ଖରାପ ହେଲେ ଏହି ଟ୍ରାନ୍ସଫର୍ମର ଦ୍ୱାରା ହିଁ ତୁରନ୍ତ ବିଦ୍ୟୁତ ଯୋଗାଇ ଦିଆଯାଇଥାଏ। ଏହାକୁ ହଟାଇ ଦିଆଗଲେ କାନପୁର ଅଞ୍ଚଳ ଦିନ ଦିନ ଧରି ଅନ୍ଧାରରେ ରହିବା ସହ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେବେ। ଏହି ସରକାରୀ ସମ୍ପତ୍ତିକୁ ସୁରକ୍ଷିତ ରଖିବା ପାଇଁ ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ବର୍ତ୍ତମାନର କାନପୁର ଗ୍ରାମପଞ୍ଚାୟତ ସରପଞ୍ଚ ପଞ୍ଚାୟତ ତରଫରୁ ଦାୟିତ୍ୱ ନେବା ପାଇଁ ଏକ ପ୍ରସ୍ତାବ ପତ୍ର ବିଭାଗୀୟ ଅଧିକାରୀଙ୍କୁ ପଠାଯାଇଛି। ଆଠଗଡ଼ସ୍ଥିତ ମୁଖ୍ୟ ଅଧିକାରୀଙ୍କ ତରଫରୁ କାନପୁର ପଞ୍ଚାୟତ ଚିଠି ଉପରେ କୌଣସି ଲିଖିତ ଓ ସ୍ଥାୟୀ ନିଷ୍ପତ୍ତି ନ ଆସିଛି ସେ ପର୍ଯ୍ୟନ୍ତ ଏହି ଟ୍ରାନ୍ସଫର୍ମରକୁ କାନପୁର ସୀମା ବାହାରକୁ ସ୍ଥାନାନ୍ତର ନକରିବା ପାଇଁ ସ୍ଥାନୀୟ କର୍ମଚାରୀମାନଙ୍କୁ ତୁରନ୍ତ ନିର୍ଦ୍ଦେଶ ପାଇଁ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ଏହାକୁ ନେଇ ବିରୁଦ୍ଧାଚରଣ କରାଯିବ ବୋଲି ଅଞ୍ଚଳବାସୀ ଜଣାଇଛନ୍ତି।

## ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

ନରସିଂହପୁର,୧୫ ।୬(ସମିସ): ନରସିଂହପୁର ବ୍ଲକ କାନପୁର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ କାନପୁର ଥାନା ପୁଲିସ ଅଭିଯୁକ୍ତ ବାଦଲ ମଲ୍ଲିକ(୧୯)କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ପୀଡିତା ୮ବର୍ଷୀୟ ନାବାଳିକା ଝିଅକୁ ରବିବାର ସନ୍ଧ୍ୟାରେ ଦୁଷ୍କର୍ମ କରିବା ପରେ ଝିଅ ଘରକୁ ଆସି କାନ୍ଦି ଘଟଣା ସମ୍ପର୍କରେ ନାବାଳିକା ଜଣକ ତା ସହ ଘଟିଥିବା ସମସ୍ତ ଘଟଣା ମା'କୁ କହିଥିଲା। ପରେ ମାଆ କାନପୁର ଥାନାରେ ପହଞ୍ଚି ଯୁବକ ବିରୁଦ୍ଧରେ ଅଭିଯୋଗ କରିଥିଲେ। ଅଭିଯୋଗକୁ କେନ୍ଦ୍ର କରି ଥାନା ଅଧିକାରୀ ସୁଶୀଲ କୁମାର ନାୟକ ମାମଲା ରୁଜୁକରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ବାଦଲକୁ ସୋମବାର ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି।

# 'ଆମ ବସ୍'କୁ ଧକ୍କା ଦେଲା ଟ୍ରକ୍; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ତ୍ରିଶୁଳିଆ,୧୫।୬(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ପାଟପୁର ଅଞ୍ଚଳରେ ସୋମବାର ଅପରାହ୍ନରେ ଏକ ଆମ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ସୋମବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଆମ ବସ୍‌ର ୭୯ନମ୍ବର ରୁଟ୍‌ର ଏକ ବସ୍ ନରାଜରୁ ବାରଙ୍ଗ ଅଭିମୁଖେ ଯାଉଥିଲା। ବସ୍‌ଟି ପାଟପୁର ଅଞ୍ଚଳର ଏକ ଘରୋଇ ଆପାର୍ଟମେଣ୍ଟ ସମ୍ମୁଖ ଦେଇ ଯାଉଥିବା ବେଳେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ଟ୍ରକ୍ ବସକୁ ଧକ୍କା ଦେବାରୁ ବସ୍‌ର ପଛପଟ କାଚ ଭାଙ୍ଗି ଯାଇଥିଲା ଏବଂ ବସ୍‌ର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ସମୟରେ ବସ୍‌ରେ ବହୁ ଯାତ୍ରୀ ଯାତାୟାତ କରୁଥିଲେ।




ହଠାତ୍ ଧକ୍କା ଲାଗିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଥିଲେ ମଧ୍ୟ କାହାରି କୌଣସି ଗୁରୁତର ଆଘାତ ଲାଗିନଥିବା ଜଣାପଡ଼ିଛି। ଘଟଣା ପରେ ବସ୍ ଚାଳକ ତୁରନ୍ତ ଗାଡ଼ିକୁ ନିୟନ୍ତ୍ରଣକୁ ଆଣି ପରିସ୍ଥିତି ସମ୍ଭାଳିଥିଲେ, ଫଳରେ ଏକ ବଡ଼ ଧରଣର ଅଘଟଣ ଟଳିଯାଇଥିଲା। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କ ସହାୟତା କରିଥିଲେ। ଅନ୍ୟପକ୍ଷରେ ଧକ୍କା ଦେଇଥିବା ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏ ସମ୍ପର୍କରେ ଆମ ବସ୍ ଚାଳକ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଆଖପାଖ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଧକ୍କା ଦେଇଥିବା ଅଜଣା ଟ୍ରକ୍ ଓ ତାହାର ଚାଳକଙ୍କୁ ଚିହ୍ନଟ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ପୁଲିସ ସୂତ୍ରରୁ ପ୍ରକାଶ।

### ବ୍ୟବଚ୍ଛେଦ ପାଇଁ ଶବକୁ କାନ୍ଧରେ ବୋହିବା ଘଟଣା

# ତିଗିରିଆ ବ୍ଲକ୍‌କୁ ମହାପ୍ରୟାଣ ଗାଡ଼ି ଯୋଗାଣ ଦାବି

ତିଗିରିଆ,୧୫ ।୬(ସମିସ): ତିଗିରିଆ ଅଞ୍ଚଳରେ ଦୁଇଟି ଶବକୁ କାନ୍ଧରେ ବୋହି ୭ କିଲୋମିଟର ଚାଲି ଚାଲି ଡାକ୍ତରଖାନା ଅଣାଯିବା ଘଟଣାକୁ ନେଇ ଆଲୋଡନ ସୃଷ୍ଟି ହୋଇଛି। ରାଜ୍ୟର ଉପାନ୍ତ କଳାହାଣ୍ଡି କି ମୟୂରଭଞ୍ଜ ଜିଲ୍ଲା ନୁହେଁ, ଖୋଦ କଟକ ଜିଲ୍ଲା ପ୍ରଶାସନର ନାକ ନିଶ ତଳେ ଥିବା ତିଗିରିଆ ବ୍ଲକ୍ ହାଟମାଳ ପଞ୍ଚାୟତର ବିଷ୍ଣୁପୁର ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଗତକାଲି ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବଜ୍ରାଘାତରେ ଦୁଇଜଣଙ୍କର ଅକାଳ ବିୟୋଗ ଘଟିଥିଲା। ଦୁଇଟି ଯାକ ଶବକୁ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଆଣିବା ପାଇଁ ଘଟଣାସ୍ଥଳରେ ଥିବା ଉଭୟ ୧୦୮ ଆମ୍ବୁଲାନ୍ସ ଓ ଦମକଳ ବିଭାଗ ଗାଡି ମନାକରି ଦେବା ପରେ ପରିବାର ସଦସ୍ୟଙ୍କ ମୃତ୍ୟୁରେ ଭାଙ୍ଗିପଡିଥିବା ପରିବାର ସଦସ୍ୟ ତଥା ଗ୍ରାମବାସୀ ୭କିମି ଦୂରରୁ ହାଦୋଳା କରି ପାଦରେ ଚାଲିଚାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରି ହୃଦୟବିଦାରକ ଘଟଣା କଟକ ଜିଲ୍ଲା ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି। ସୂଚନା ମୁତାବକ ସୋମବାର ଅପରାହ୍ନରେ ସଂଗଠିତ କାଳବୈଶାଖୀ ପ୍ରଭାବ ରେ ବଜ୍ରପାତ ଯୋଗୁଁ ହାଟମାଳ ପଞ୍ଚାୟତ ଅଧିନ ବିଷ୍ଣୁପୁର ଗ୍ରାମର ନବକିଶୋର ରାଉତ (୬୦) ଓ ମନ୍ଦରଧର ପତି (୨୬) ଙ୍କର ମୃତ୍ୟୁ ହୋଇଥିଲା। ଏଭଳି ଏକ ହୃଦୟବିଦାରକ ଘଟଣା କୁ ସ୍ଥାନୀୟ ପ୍ରଶାସନ ଯେଉଁ ଢଙ୍ଗରେ ସମାଧାନ ର ପ୍ରୟାସ କରାଗଲା ତାହା ବହୁ ବୁଦ୍ଧିଜୀବୀଙ୍କ ଦ୍ୱାରା ନାପସନ୍ଦ ହୋଇଛି। ପ୍ରଶାସନ ସଠିକ ଢଙ୍ଗରେ ଘଟଣାକୁ ପରିଚାଳନା କରିଥିଲେ ଦୁଇଟି ଶବକୁ କାନ୍ଧେଇ ଚାଲି ଚାଲି ଏତେ ବାଟ ଆସିବା ପାଇଁ ପଡିନଥାନ୍ତା ବୋଲି ସାଧାରଣ ରେ ଆଲୋଚନା ହେଉଛି। ତିଗିରିଆ ବ୍ଲକ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାପ୍ରୟାଣ ଗାଡି ଓ ଶବ ବ୍ୟବଚ୍ଛେଦ ଗୃହ ନିତ୍ୟାନ୍ତ ଆବଶ୍ୟକ ଥିବାରୁ ଏହି ଦୁଇ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୫୨ ● ପାଉଣ୍ଡ ୧୨୬.୯୩
- ୟୁରୋ ୧୦୯.୮୮ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୬,୬୫୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୨୬୪.୦୦
- ନିଫ୍ଟି ୨୩,୮୫୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ୬କୁ ହ୍ରାସ ପାଇବ ସରକାରୀ ବ୍ୟାଙ୍କ !

## ୨୦୨୦ରେ ୧୨କୁ ହ୍ରାସ ହୋଇଥିଲା ବ୍ୟାଙ୍କ ସଂଖ୍ୟା

■ ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ୨୦୧୯ ଓ ୨୦୨୦ରେ ଦେଶର ୨୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୁନର୍ଗଠନ କରାଯାଇଥିଲା ଓ ଏହାକୁ ୧୨ରେ ସୀମିତ ରଖାଯାଇଥିଲା। ଏବେ ଏହି ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ମିଶ୍ରଣ କରି ୬ଟି ମଧ୍ୟରେ ରଖାଯିବା ଚର୍ଚ୍ଚା ଆରମ୍ଭ ହୋଇଛି । ଏପରିକି ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନେସନାଲ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, କାନାରା ବ୍ୟାଙ୍କ ଅଧୀନକୁ ଛୋଟଛୋଟ ବ୍ୟାଙ୍କଗୁଡ଼ିକ ଅଣାଯିବାର ଯୋଜନା ପ୍ରସ୍ତୁତ ହୋଇଛି । ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ମରାରାଷ୍ଟ୍ର ପରି ଛୋଟ ବ୍ୟାଙ୍କଗୁଡ଼ିକୁ ବଡ଼ ବ୍ୟାଙ୍କ ସହ ମିଶ୍ରଣ କରାଯିବ। ତେବେ କେଉଁ ବ୍ୟାଙ୍କକୁ କାହା ସହ ମିଶ୍ରଣ ହେବ ତାହାର ନକ୍ସା ପ୍ରସ୍ତୁତ କରାଯାଉଛି।




ସୂଚନା ଅନୁସାରେ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟକୁ ସାକାର କରିବା ପାଇଁ ବିଶ୍ୱସ୍ତରୀୟ ଓ ଆର୍ଥିକ ଭାବେ ଅଧିକ ସଶକ୍ତ ବ୍ୟାଙ୍କ ଗଠନ ଉପରେ ଚିନ୍ତା ଚାଲିଛି। ଏହା ଅନୁସାରେ ବର୍ତ୍ତମାନର ୧୨ଟି ସରକାରୀ ବ୍ୟାଙ୍କକୁ ମିଶ୍ରଣ କରି ୫ରୁ ୬ଟି ବଡ଼ ବ୍ୟାଙ୍କ ତିଆରି କରାଯାଇପାରେ। ବଡ଼ ବ୍ୟାଙ୍କ ଗଠନ ହେଲେ ସେମାନଙ୍କର ପୁଞ୍ଜି ଶକ୍ତି ବୃଦ୍ଧି ପାଇବ, ଆନ୍ତର୍ଜାତୀୟସ୍ତରରେ ଋଣ ଓ ନିବେଶ କ୍ଷମତା ବଢ଼ିବ । ଏହା ସହିତ ପରିଚାଳନା ଖର୍ଚ୍ଚ ହ୍ରାସ, ପ୍ରଯୁକ୍ତିଗତ ଦକ୍ଷତା ବୃଦ୍ଧି ଓ ଗ୍ରାହକ ସେବାରେ ଉନ୍ନତି ଆସିବ ବୋଲି ସରକାର ମନେ କରୁଛନ୍ତି।

ଅନ୍ୟପକ୍ଷରେ ବିଭିନ୍ନ ବ୍ୟାଙ୍କ କର୍ମଚାରୀ ସଂଘଗୁଡ଼ିକ ଏହିଯୋଜନାକୁ ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି । ବ୍ୟାଙ୍କଗୁଡ଼ିକର ମିଶ୍ରଣ ହେଲେ ଏହାର ଶାଖା ସଂଖ୍ୟା ହ୍ରାସ ସହ ଚାକିରି ଉପରେ ପରୋକ୍ଷ ପ୍ରଭାବ ପଡ଼ିବ ବୋଲି କର୍ମଚାରୀ ସଂଘ ମନେ କରୁଛନ୍ତି । ଏହା ସହ ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସେବା ପ୍ରଭାବିତ ହୋଇପାରେ।

ତେବେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ସରକାରୀ ବ୍ୟାଙ୍କଗୁଡ଼ିକର ତୁରନ୍ତ ମିଶ୍ରଣ ଯୋଜନା ନାହିଁ; କିନ୍ତୁ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତି, ଲାଭ, ପୁଞ୍ଜି ଓ ବଜାର ସ୍ଥିତି ଉପରେ ନିୟମିତ ନଜର ରଖାଯାଇଛି । ଭବିଷ୍ୟତର ବ୍ୟାଙ୍କିଂ ରଣନୀତି ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ସହ ଆଲୋଚନା ଚାଲିଛି ।

# ସାରା ଦେଶରେ ବିକାଶ ବ୍ୟୟ ମନ୍ଥର

## ଏପ୍ରିଲରେ ରାଜ୍ୟଗୁଡ଼ିକର ବଜେଟ୍ ବ୍ୟୟ ମାତ୍ର ୧.୮୫%

ନୂଆଦିଲ୍ଲୀ: ଦେଶର ବିଭିନ୍ନ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ମାସ ଏପ୍ରିଲରେ ସେମାନଙ୍କର ମୋଟ ପୁଞ୍ଜି ବ୍ୟୟ (କ୍ୟାପିଟାଲ ଏକ୍ସପେଣ୍ଡିଚର) ବା ବଜେଟର ମାତ୍ର ୧.୮୫% ବ୍ୟୟ କରିବାକୁ ସକ୍ଷମ ହୋଇଛନ୍ତି। ଏହି ତଥ୍ୟ ସାମ୍ନାକୁ ଆସିବା ପରେ ରାଜ୍ୟଗୁଡ଼ିକର ବିକାଶମୂଳକ ପ୍ରକଳ୍ପକୁ ନେଇ ରାଜ୍ୟ ସରକାରମାନଙ୍କ ଆଭିମୁଖ୍ୟକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି।

ସାଧାରଣ ଲୋକଙ୍କ ହିତ ଓ ଆବଶ୍ୟକତା ଦୃଷ୍ଟିରୁ ସଡ଼କ, ସେତୁ, ରେଳ, ଜଳସେଚନ, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ଦୀର୍ଘମିଆଦୀ ଭିତ୍ତିଭୂମି ପ୍ରକଳ୍ପରେ ସରକାରଙ୍କ ନିବେଶକୁ ପୁଞ୍ଜି ବ୍ୟୟ ରୂପେ ବିବେଚନା କରାଯାଏ । ଏ କ୍ଷେତ୍ରରେ ବ୍ୟୟ ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଓ ବେସରକାରୀ ନିବେଶକୁ ଉତ୍ସାହିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

ଯଦିଓ ଆର୍ଥିକ ବର୍ଷର ପ୍ରଥମ ମାସରେ ଖର୍ଚ୍ଚ କମ୍ ରହିବା ଅସ୍ୱାଭାବିକ କୁହାଯାଇପାରିବ ନାହିଁ, ତଥାପି ଏହି ଧାରା ବଜାୟ ରହିଲେ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ ବୋଲି କୁହାଯାଉଛି। ବଜେଟ୍ ଅନୁମୋଦନ, ପ୍ରକଳ୍ପ ଟେଣ୍ଡର ପ୍ରକ୍ରିୟା, ପ୍ରଶାସନିକ ଅନୁମତି ଏବଂ ଅର୍ଥ ବଣ୍ଟନ ଭଳି କାରଣରୁ ଅଧିକାଂଶ ରାଜ୍ୟରେ ଆର୍ଥିକ ବର୍ଷର ଆରମ୍ଭରେ ବ୍ୟୟ ଗତି ଧୀର ରହିଥାଏ। ସାଧାରଣତଃ ଦ୍ୱିତୀୟ ଓ ତୃତୀୟ ତ୍ରୟମାସିକରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହେବା ସହ ବ୍ୟୟ ବଢ଼ିଥାଏ। ମାତ୍ର ଯଦି ଆଗାମୀ ମାସଗୁଡ଼ିକରେ ମଧ୍ୟ ପୁଞ୍ଜି ବ୍ୟୟର ଗତି ମନ୍ଥର ରହେ, ତେବେ ଏହା ରାଜ୍ୟଗୁଡ଼ିକର ବିକାଶ ଯୋଜନା ଓ ଆର୍ଥିକ ଅଭିବୃଦ୍ଧି ଉପରେ ପ୍ରଭାବ ପକାଇପାରେ। ବିଶେଷକରି ନିର୍ମାଣ, ଇସ୍ପାତ, ସିମେଣ୍ଟ ଓ ଅନ୍ୟାନ୍ୟ ଭିତ୍ତିଭୂମି-ନିର୍ଭର ଶିଳ୍ପ କ୍ଷେତ୍ର ଏଥିରେ ପ୍ରଭାବିତ ହୋଇପାରେ। କେନ୍ଦ୍ର ସରକାର ଗତ କିଛି ବର୍ଷ ଧରି ରାଜ୍ୟଗୁଡ଼ିକୁ ପୁଞ୍ଜି ବ୍ୟୟ ବଢ଼ାଇବା ପାଇଁ ବିଶେଷ ସହାୟତା ଓ ସୁଧମୁକ୍ତ ଋଣ ଯୋଗାଇ ଆସୁଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରି ଦେଶର ଆର୍ଥିକ ଅଭିବୃଦ୍ଧିକୁ ଶକ୍ତିଶାଳୀ କରିବା। ମାତ୍ର ରାଜ୍ୟଗୁଡ଼ିକ ଯଦି ଯୋଜନାବଦ୍ଧ ଭାବରେ ପୁଞ୍ଜି ବ୍ୟୟ ବୃଦ୍ଧି ନ କରନ୍ତି, ତେବେ ଚଳିତ ବର୍ଷରେ ବିକାଶ ପ୍ରକଳ୍ପଗୁଡ଼ିକର ଗତିରୋଧ ହେବା ପ୍ରାୟ ନିଶ୍ଚିତ ବୋଲି ମନେ କରାଯାଉଛି।

# ମହଙ୍ଗା ମାଡ଼: ୪୩ ମାସରେ ସର୍ବୋଚ୍ଚ ସ୍ତର

## ପାଇକାରୀ ମୁଦ୍ରାସ୍ଫୀତି ପହଞ୍ଚିଲା ୯.୬୮%

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଦେଶରେ ପୁଣିଥରେ ଚିନ୍ତା ବଢ଼ାଇଛି ମହଙ୍ଗାମାଡ଼ । ମେ' ୨୦୨୬ ମାସରେ ପାଇକାରୀ ମୂଲ୍ୟ ସୂଚକାଙ୍କ (ହୋଲସେଲ ପ୍ରାଇସ୍ ଇଣ୍ଡେକ୍ସ)ଆଧାରିତ ମୁଦ୍ରାସ୍ଫୀତି ୪୩ ମାସ ମଧ୍ୟରେ ସର୍ବୋଚ୍ଚସ୍ତର ୯.୬୮ ପ୍ରତିଶତରେ ପହଞ୍ଚିଛି। ଇନ୍ଧନ, ଖାଦ୍ୟଶସ୍ୟ ଏବଂ ଖାଇବା ତେଲର ଦାମ ବୃଦ୍ଧି ଏହି ଉଚ୍ଚ ମୁଦ୍ରାସ୍ଫୀତିର ପ୍ରମୁଖ କାରଣ ବୋଲି ଅର୍ଥନୀତିଜ୍ଞମାନେ କହିଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ ଏପ୍ରିଲ୍ ମାସରେ ପାଇକାରୀ ମୁଦ୍ରାସ୍ଫୀତି ହାର ୮.୯୨ ପ୍ରତିଶତ ଥିଲା । ମେ'ରେ ଏହା ଆହୁରି ବୃଦ୍ଧି ପାଇ ୯.୬୮ ପ୍ରତିଶତ ହୋଇଛି। ଯାହାର ପ୍ରଭାବ ଆଗାମୀ ଦିନରେ ଖୁଚୁରା ବଜାର ଉପରେ ମଧ୍ୟ ପଡ଼ିପାରେ ବୋଲି ମନେ କରାଯାଉଛି। ବିଶେଷକରି ପେଟ୍ରୋଲ, ଡିଜେଲ ଓ ଅନ୍ୟାନ୍ୟ ଇନ୍ଧନ ଦାମରେ ବୃଦ୍ଧି ଦେଶରେ ବଜାରକୁ ମହଙ୍ଗା କରିଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଓ ମଧ୍ୟପ୍ରାଚ୍ୟରେ ଭୂ-ରାଜନୈତିକ ଉତ୍ତେଜନା ଇନ୍ଧନ ଦରକୁ ପ୍ରଭାବିତ କରିଛି। ଏହାର ପ୍ରଭାବ ପରିବହନ ଖର୍ଚ୍ଚ ଉପରେ ପଡ଼ିବା ସହ ଅନ୍ୟାନ୍ୟ ସାମଗ୍ରୀର ଦାମ ମଧ୍ୟ ବଢ଼ାଇଛି। ସମ୍ପ୍ରତି ଗହମ, ଚାଉଳ, ଡାଲି ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟର ଦର ବଢ଼ିବା ସହିତ ଖାଇବା ତେଲର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଏହି ସମୟରେ ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷାର ଅଭାବ ଏବଂ ଫସଲ ଉତ୍ପାଦନ ନେଇ ଅନିଶ୍ଚିତତା ମଧ୍ୟ ମୂଲ୍ୟ ବୃଦ୍ଧିର ଏକ କାରଣ ହୋଇଛି। ପାଇକାରୀ ମୂଲ୍ୟ ବୃଦ୍ଧି ପାଇବାଦ୍ୱାରା ଏହାର ପ୍ରଭାବ ଖୁଚୁରା ବଜାର ଉପରେ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି । ଫଳରେ ସାଧାରଣ ଉପଭୋକ୍ତାଙ୍କୁ ନିତ୍ୟ ବ୍ୟବହାର ସାମଗ୍ରୀ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ ବୋଲି କୁହାଯାଉଛି ।



ଏହି ପରିସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଯଦି ମହଙ୍ଗାମାଡ଼ ଦୀର୍ଘ ସମୟ ଧରି ଉଚ୍ଚ ସ୍ତରରେ ରହେ, ତେବେ ସୁଧ ହାର ନୀତିକୁ ନେଇ ରିଜର୍ଭ ବ୍ୟାଙ୍କକୁ ପୁନଃବିଚାର କରିବାକୁ ପଡ଼ିପାରେ। ଏହି କ୍ରମରେ ଆସନ୍ତା ଅକ୍ଟୋବରରେ ସୁଧ ନୀତି ସମୀକ୍ଷା ସମୟରେ ରେପୋରେଟ୍ ୦.୨୫% ବୃଦ୍ଧି ପାଇପାରେ ବୋଲି ଆକଳନ କରାଯାଉଛି। ତେବେ ମୌସୁମୀ ବର୍ଷା ସ୍ୱାଭାବିକ ହେଲେ ଖାଦ୍ୟ ଉତ୍ପାଦନ ବଢ଼ିବ ଓ ମୂଲ୍ୟ ଉପରେ ଚାପ କିଛିଟା କମିପାରେ; କିନ୍ତୁ ଇନ୍ଧନ ଦର ଓ ବିଶ୍ୱ ବଜାରର ସ୍ଥିତି ଉପରେ ଆଗାମୀ ଦିନର ମହଙ୍ଗାମାଡ଼ ବହୁ ପରିମାଣରେ ନିର୍ଭର କରିବ।

## ଡବ୍ଲୁଆଇପିଓ ପେଟେଣ୍ଟ ର୍ୟାଙ୍କିଂ: ବିଶ୍ୱର ଶୀର୍ଷ ୨୦ରେ ଜିଓ

ମୁମ୍ବାଇ, ୧୫।୬ (ଏଜେନ୍ସି): ଭାରତର ସର୍ବବୃହତ କର୍ପୋରେଟ୍ ଗ୍ରୁପ୍ ରିଲାଏନ୍ସ ପାଇଁ ଆସିଛି ବଡ଼ ଉପଲବ୍ଧି। କମ୍ପାନୀର ଡିଜିଟାଲ୍ ଶାଖା ଜିଓ ପ୍ଲାଟଫର୍ମ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନ ଡ଼ବ୍ଲ୍ୟୁଆଇପିଓର ପେଟେଣ୍ଟ ର୍ୟାଙ୍କରେ ବିଶ୍ୱର ଶୀର୍ଷ ୨୦ କମ୍ପାନୀ ମଧ୍ୟରେ ସ୍ଥାନ ପାଇଛି। ଏହି ଖବର ଆସିବା ପରେ ଜିଓର ଶେୟାର ମୂଲ୍ୟ ପ୍ରାୟ ୨ ପ୍ରତିଶତ ବୃଦ୍ଧି ପାଇଛି । ଗତ କିଛି ବର୍ଷ ଧରି ଜିଓ ୫ଜି, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ଲାଉଡ୍ କମ୍ପ୍ୟୁଟିଂ, ଡିଜିଟାଲ୍ ସେବା ଏବଂ ଟେଲିକମ୍ ପ୍ରଯୁକ୍ତି କ୍ଷେତ୍ରରେ ବ୍ୟାପକ ନିବେଶ କରିଆସୁଛି। ଏହି ଗବେଷଣା ଓ ନବସୃଜନ ପ୍ରୟାସର ପରିଣାମ ସ୍ୱରୂପ କମ୍ପାନୀ ବିଶ୍ୱସ୍ତରୀୟ ପେଟେଣ୍ଟ ତାଲିକାରେ ଉଚ୍ଚ ସ୍ଥାନ ହାସଲ କରିପାରିଛି। ବଜାର ବିଶେଷଜ୍ଞମାନଙ୍କ ମତରେ ଏହି ସଫଳତା କମ୍ପାନୀର ଦୀର୍ଘମିଆଦି ଅଭିବୃଦ୍ଧି ସମ୍ଭାବନାକୁ ଆହୁରି ମଜବୁତ କରିଛି।



ମୁକେଶ ଅମ୍ବାନୀଙ୍କ ବଦ୍ରିନାଥ ଏବଂ କେଦାରନାଥ ମନ୍ଦିର ପରିଦର୍ଶନ

## ଉପସାଗରୀୟ ସଙ୍କଟ ସତ୍ତ୍ୱେ ବିଶ୍ୱ ଅର୍ଥନୀତି ସ୍ଥିର: ଆଇଏମ୍ଏଫ୍

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ଭୂ-ରାଜନୈତିକ ଉତ୍ତେଜନା ଓ ଉପସାଗରୀୟ ଯୁଦ୍ଧ ସତ୍ତ୍ୱେ ବିଶ୍ୱ ଅର୍ଥନୀତି ଏପର୍ଯ୍ୟନ୍ତ ସୁଦୃଢ଼ ରହିଛି। ବର୍ତ୍ତମାନ ସମୟରେ ବିଶ୍ୱରେ କୌଣସି ମାନ୍ଦାବସ୍ଥାର ସଙ୍କେତ ଦେଖିବାକୁ ମିଳିନାହିଁ ବୋଲି କହିଛନ୍ତି ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ)ର ପରିଚାଳନା ନିର୍ଦ୍ଦେଶିକା କ୍ରିଷ୍ଟାଲିନା ଜର୍ଜିଏଭା । ଏକ ସାକ୍ଷାତକାରରେ ଜର୍ଜିଏଭା କହିଛନ୍ତି ଯେ ଗତ କିଛି ବର୍ଷ ଧରି ବିଶ୍ୱ ଅର୍ଥନୀତି କୋଭିଡ୍ ମହାମାରୀ, ରୁଷ-ୟୁକ୍ରେନ୍ ଯୁଦ୍ଧ, ଉଚ୍ଚ ମୁଦ୍ରାସ୍ଫୀତି ଓ ବିଭିନ୍ନ ଭୂ-ରାଜନୈତିକ ସଙ୍କଟର ସମ୍ମୁଖୀନ ହୋଇଛି। ତଥାପି ବିଶ୍ୱର ଅଧିକାଂଶ ଅର୍ଥନୀତି ଏହି ଚ୍ୟାଲେଞ୍ଜଗୁଡ଼ିକୁ ସଫଳତାର ସହ ସାମ୍ନା କରିଛି ଓ ଅର୍ଥନୈତିକ କାର୍ଯ୍ୟକଳାପ ଜାରି ରହିଛି। ପଶ୍ଚିମ ଏସିଆର ତିକ୍ତତା ଓ ଯୁଦ୍ଧ ସ୍ଥିତି ପରେ ମଧ୍ୟ ବିଶ୍ୱ ବଜାରରେ ବଡ଼ ଧରଣର ଅସ୍ଥିରତା ଦେଖାଯାଇନାହିଁ। ଅଶୋଧିତ ତୈଳ ମୂଲ୍ୟ କିଛି ସମୟ ପାଇଁ ବଢ଼ିଥିଲେ ମଧ୍ୟ ପରେ ସ୍ଥିରତା ଫେରିଆସିଛି। ଏହା ଫଳରେ ବିଶ୍ୱ ଅର୍ଥନୀତି ଉପରେ ଆଶଙ୍କା କରାଯାଇଥିବା ଚାପ ସେତେଟା ଗଭୀର ହୋଇନାହିଁ।

### ଆମେରିକା-ଇରାନ ଶାନ୍ତି ଚୁକ୍ତି

## ସେନ୍‌ସେକ୍ସ ଉଠିଲା ୭୩୬ ପଏଣ୍ଟ

ମୁମ୍ବାଇ, ୧୫।୬ (ଏଜେନ୍ସି): ବିଶ୍ୱ ବଜାରରେ ସକାରାତ୍ମକ ପରିବେଶ ଓ ଅଶୋଧିତ ତୈଳ ଦର ହ୍ରାସର ପ୍ରଭାବ ଭାରତୀୟ ଶେୟାର ବଜାରରେ ଦେଖିବାକୁ ମିଳିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୩୬.୩୮ ପଏଣ୍ଟ ବୃଦ୍ଧି ପାଇ ୭୬,୨୬୪.୩୩ ସ୍ତରରେ ବନ୍ଦ ହୋଇଥିବା ବେଳେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ୨୩୧ ପଏଣ୍ଟ ବୃଦ୍ଧି ସହ ୨୩,୮୫୩.୯ ରେ ପହଞ୍ଚିଛି।

ବଜାରର ଏପରି ପ୍ରଦର୍ଶନ ପଛରେ ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିକୁ ପ୍ରମୁଖ କାରଣ ଭାବେ ମନେକରାଯାଉଛି। ଦୀର୍ଘ ସମୟ ଧରି ଚାଲିଥିବା ଭୂ-ରାଜନୈତିକ ତିକ୍ତତା ହ୍ରାସ ପାଇବା ପରେ ବିଶ୍ୱ ନିବେଶକଙ୍କ ମନୋଭାବରେ ସକାରାତ୍ମକ ପରିବର୍ତ୍ତନ ଆସିଛି। ଏହା ସହ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। ରିଅଲ୍ ଇଷ୍ଟେଟ୍, ଅଟୋମୋବାଇଲ୍ ଓ ଆର୍ଥିକ ସେବା କ୍ଷେତ୍ରର ଶେୟାରରେ ଜୋରଦାର କିଣାବିକା ଦେଖିବାକୁ ମିଳିଛି। ବଜାର ବିଶ୍ଳେଷକଙ୍କ ମତରେ ଅଶୋଧିତ ତୈଳ ଦର ହ୍ରାସ ପାଇଲେ ଭାରତର ଆମଦାନୀ ବ୍ୟୟ ସହ ମୁଦ୍ରାସ୍ଫୀତି ଉପରେ ଚାପ ହ୍ରାସ ପାଇବ। ତେଣୁ ଆଜି ଦିନସାରା କାରବାରରେ ବ୍ୟାଙ୍କିଂ, ରିଅଲ ଇଷ୍ଟେଟ, ଅଟୋ ଓ ଧାତବ କ୍ଷେତ୍ରରେ ଭଲ ପ୍ରଦର୍ଶନ ଦେଖିବାକୁ ମିଳିଛି। ସେହିପରି ବ୍ଲୁ-ଚିପ୍ ଶେୟାରରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ରେକର୍ଡ ହୋଇଛି। ବିଶ୍ୱସ୍ତରରେ ରାଜନୈତିକ ସ୍ଥିରତା ବଜାୟ ରହିଲେ ଓ ତୈଳ ଦର ହ୍ରାସ ପାଇଲେ ଭାରତୀୟ ବଜାର ଆଗାମୀ ଦିନରେ ଆହୁରି ମଜବୁତ ହେବ ବୋଲି ବିଶେଷଜ୍ଞମାନେ ମନେ କରୁଛନ୍ତି ।

## ୮୫% ଇଥାନଲରେ ଚାଲିବ ନୂଆ ୱାଗନ୍-ଆର

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଭାରତର ଅଟୋମୋବାଇଲ୍ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ମାରୁତି ସୁଜୁକି। କମ୍ପାନୀ ୮୫ ପ୍ରତିଶତ ଏଥାନଲ୍ ଏବଂ ୧୫ ପ୍ରତିଶତ ପେଟ୍ରୋଲ୍ ମିଶ୍ରିତ ଇନ୍ଧନ (ଇ୮୫)ରେ ଚାଲିପାରୁଥିବା ନୂଆ ୱାଗନ୍-ଆର୍ ଫ୍ଲେକ୍ସ-ଫ୍ୟୁଏଲ୍ ମଡେଲ୍ ଆଣିବାକୁ ଯାଉଛି। ଏହା ଦେଶର ପ୍ରଥମ ଫ୍ଲେକ୍ସ-ଫ୍ୟୁଏଲ୍ ପାସେଞ୍ଜର କାର ଭାବେ ପରିଚିତ ହେବ। ଏହି ଗାଡ଼ିର ଏକ୍ସ-ଶୋରୁମ୍ ମୂଲ୍ୟ ପ୍ରାୟ ୭.୨୪ ଲକ୍ଷ ଟଙ୍କା ରଖାଯାଇଛି। ତେବେ ସାଧାରଣ ପେଟ୍ରୋଲ୍ ୱାଗନ୍-ଆର୍ ତୁଳନାରେ ଏହା ପ୍ରାୟ ୮୬ ହଜାର ଟଙ୍କା ଅଧିକ ମହଙ୍ଗା ହେବ।




**ଦେଶର ପ୍ରଥମ ଫ୍ଲେକ୍ସ-ଫ୍ୟୁଏଲ୍ କାରର ମୂଲ୍ୟ ୭.୨୪ ଲକ୍ଷ**

**ସାଧାରଣ ପେଟ୍ରୋଲ ଗାଡ଼ିଠାରୁ ୮୬ ହଜାର ଟଙ୍କା ମହଙ୍ଗା**

ଫ୍ଲେକ୍ସ-ଫ୍ୟୁଏଲ୍ ଟେକ୍ନୋଲୋଜିର ବିଶେଷତା ହେଉଛି ଗାଡ଼ିଟି ଇ୨୦ ଠାରୁ ଇ୮୫ ପର୍ଯ୍ୟନ୍ତ ବିଭିନ୍ନ ଅନୁପାତର ଏଥାନଲ୍-ପେଟ୍ରୋଲ୍ ମିଶ୍ରଣରେ ଚାଲିପାରିବ। ଏହା ଫଳରେ ଗାଡ଼ି ମାଲିକଙ୍କୁ ଇନ୍ଧନ ବାଛିବାରେ ଅଧିକ ସୁବିଧା ମିଳିବ। ଦେଶରେ ପେଟ୍ରୋଲ୍ ଆମଦାନି ଉପରେ ନିର୍ଭରଶୀଳତା କମାଇବା ଓ ଆଖୁ ଭଳି କୃଷିଜାତ ଉତ୍ପାଦରୁ ପ୍ରସ୍ତୁତ ଏଥାନଲ୍ ବ୍ୟବହାର ବଢ଼ାଇବା ପାଇଁ ଫ୍ଲେକ୍ସ-ଫ୍ୟୁଏଲ୍ ଯାନକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥାନଲ୍ ବ୍ୟବହାର ବଢ଼ିଲେ କାର୍ବନ୍ ନିର୍ଗମନ ହ୍ରାସ ପାଇବା ସହ ପରିବେଶ ସୁରକ୍ଷାରେ ମଧ୍ୟ ସହାୟକ ହେବ। ବିଶେଷଜ୍ଞମାନଙ୍କ ମତରେ ଏହି ଗାଡ଼ି ଭାରତର ବିକଳ୍ପ ଇନ୍ଧନ ଯାନ ବଜାରରେ ଏକ ନୂଆ ମାଇଲଖୁଣ୍ଟ ସୃଷ୍ଟି କରିବ। ଯଦି ଏହି ଗାଡ଼ିକୁ ବଜାରରେ ଉପଯୁକ୍ତ ଗ୍ରହଣୀୟତା ମିଳେ, ତେବେ ଆଗାମୀ ଦିନରେ ଅନ୍ୟ କମ୍ପାନୀମାନେ ମଧ୍ୟ ଏଭଳି ଫ୍ଲେକ୍ସ ଫ୍ୟୁଏଲ୍ ମଡେଲ୍ ବଜାରକୁ ଆଣିପାରନ୍ତି।

### ପୁଣି ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ ହୋଇପାରେ ବେଦାନ୍ତ ରିସୋର୍ସେସ

## ବିଭିନ୍ନ ବ୍ୟବସାୟରେ ୧୦୦ ବିଲିୟନ୍ ଡଲାର ନିବେଶ: ଅନିଲ ଅଗ୍ରୱାଲ



ମୁମ୍ବାଇ, ୧୫।୬ (ଏଜେନ୍ସି): ଖଣି, ଧାତୁ ଓ ପ୍ରାକୃତିକ ସମ୍ପଦ କ୍ଷେତ୍ରର ପ୍ରମୁଖ କମ୍ପାନୀ ବେଦାନ୍ତ ରିସୋର୍ସେସ୍ ପୁଣିଥରେ ସେୟାର ବଜାରରେ ତାଲିକାଭୁକ୍ତ (ଲିଷ୍ଟେଡ଼) ହେବା ସଙ୍କେତ ମିଳିଛି। କମ୍ପାନୀର ଚେୟାରମ୍ୟାନ୍ ଅନୀଲ ଅଗ୍ରୱାଲ କହିଛନ୍ତି ଯେ ବେଦାନ୍ତ ରିସୋର୍ସେସ୍ ବିଭିନ୍ନ ବ୍ୟବସାୟରେ ୧୦୦ ବିଲିୟନ୍ ଡଲାରରୁ ଅଧିକ ନିବେଶ ସମ୍ଭାବନା ରଖିଛି।

ଏକ ନିବେଶକ ସମ୍ମିଳନୀରେ ଅନିଲ ଅଗ୍ରୱାଲ କହିଛନ୍ତି ଯେ ବେଦାନ୍ତ ଗ୍ରୁପ ପକ୍ଷରୁ ତୈଳ ଓ ଗ୍ୟାସ, ତମ୍ବା, ଆଲୁମିନିୟମ୍, ଜିଙ୍କ, ଲୌହ ଓ ଶକ୍ତି କ୍ଷେତ୍ରର ବ୍ୟବସାୟଗୁଡ଼ିକରେ ବିପୁଳ ବୃଦ୍ଧିର ସୁଯୋଗ ରହିଛି। ଭାରତର ଦ୍ରୁତ ଆର୍ଥିକ ବିକାଶ, ଶିଳ୍ପୀକରଣ ଭିତ୍ତିଭୂମିର ବିସ୍ତାର ଏହି କ୍ଷେତ୍ରଗୁଡ଼ିକୁ ନୂଆ ଗତି ଦେବ ବୋଲି ସେ କହିଛନ୍ତି। ଭବିଷ୍ୟତରେ ବେଦାନ୍ତର ବିଭିନ୍ନ ବ୍ୟବସାୟକୁ ସ୍ୱତନ୍ତ୍ର କମ୍ପାନୀ ଭାବେ ବିକଶିତ କରାଯାଇପାରେ। ଏହା ମାଧ୍ୟମରେ ନିବେଶକମାନେ ପ୍ରତ୍ୟେକ କ୍ଷେତ୍ରର ପ୍ରକୃତ ମୂଲ୍ୟାୟନ କରିପାରିବେ ଓ କମ୍ପାନୀ ମଧ୍ୟ ଅଧିକ ପୁଞ୍ଜି ଆକର୍ଷଣ କରିପାରିବ। ବୈଶ୍ୱିକ ଅର୍ଥନୀତିରେ ଶକ୍ତି, ଧାତୁ ଓ ଖଣିଜ ସମ୍ପଦର ଚାହିଦା ଦୀର୍ଘମିଆଦୀ ଭାବରେ ବୃଦ୍ଧି ପାଇବ। ବିଶେଷକରି ଇଭି, ନବୀକୃତ ଶକ୍ତି ଓ ଡିଜିଟାଲ୍ ଭିତ୍ତିଭୂମିର ବିକାଶ ପାଇଁ ତମ୍ବା, ଆଲୁମିନିୟମ୍ ଓ ଜିଙ୍କର ଚାହିଦା ଆହୁରି ବଢ଼ିବ। ଶ୍ରୀ ଅଗ୍ରୱାଲଙ୍କ ଏହି ଇଙ୍ଗିତ ଓ ବ୍ୟବସାୟ ସମ୍ପ୍ରସାରଣକୁ ନେଇ ନିବେଶକ ମହଲରେ ବେଶ୍ ଉତ୍ସାହ ସୃଷ୍ଟି ହୋଇଛି। ବଜାର ବିଶେଷଜ୍ଞମାନଙ୍କ ମତରେ, ଯଦି ଏହି ଯୋଜନା ସଫଳ ହୁଏ, ତେବେ ବେଦାନ୍ତ ଗ୍ରୁପର ବିଭିନ୍ନ ବ୍ୟବସାୟର ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ ଏବଂ ଭାରତୀୟ ଶିଳ୍ପ କ୍ଷେତ୍ରରେ ଏହା ଏକ ବଡ଼ ପରିବର୍ତ୍ତନର ସଙ୍କେତ ହୋଇପାରେ ।

**ମେମୋରି ଚିପ୍ ସଙ୍କଟ**

# ମହଙ୍ଗା ହେବ ମୋବାଇଲ୍, ଲାପଟପ୍ ଓ ଟିଭି

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ବିଶ୍ୱବ୍ୟାପୀ ମେମୋରି ଚିପ୍ ଅଭାବ ଏବେ ଭାରତର ଇଲେକ୍ଟ୍ରୋନିକ୍ସ ଶିଳ୍ପ ଉପରେ ପ୍ରଭାବ ପକାଇବା ଆରମ୍ଭ କରିଛି। ବିଶେଷକରି ଲାପଟପ୍, ସ୍ମାର୍ଟଫୋନ୍ ଓ ସ୍ମାର୍ଟ ଟିଭି ପରି ଉପଭୋକ୍ତା ସାମଗ୍ରୀର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଆଗାମୀ ଦିନରେ ଏହି ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବାର ଆଶଙ୍କା ସୃଷ୍ଟି କରିଛି।

ସୂଚନା ଅନୁସାରେ ବିଶ୍ୱର ପ୍ରମୁଖ ସେମିକଣ୍ଡକ୍ଟର ନିର୍ମାତାମାନେ ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଡାଟା ସେଣ୍ଟର ପାଇଁ ବ୍ୟବହୃତ ହାଇ ବ୍ୟାଣ୍ଡ ଚିପ୍ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଆଇ ପ୍ରଯୁକ୍ତିର ଦ୍ରୁତ ବିକାଶ ଫଳରେ ଏଚ୍‌ବିଏମ୍ ଚିପ୍‌ଗୁଡ଼ିକର ଚାହିଦା ଅଭୂତପୂର୍ବ ଭାବରେ ବୃଦ୍ଧି ପାଇଛି। ଏହାର ପରିଣାମ ସ୍ୱରୂପ ସାଧାରଣ ଉପଭୋକ୍ତା ଉତ୍ପାଦରେ ବ୍ୟବହୃତ ଡ଼ାଇନାମିକ୍ ରାନଡ଼ମ୍ ଅକ୍ସେସ ମେମୋରୀ (ଡ଼ିଆର୍‌ଏଏମ୍) ଚିପ୍‌ଗୁଡ଼ିକର ଉତ୍ପାଦନ ହ୍ରାସ ପାଇଛି।



ସ୍ମାର୍ଟଫୋନ୍, ଲାପଟପ୍, ଟ୍ୟାବଲେଟ୍, ଟିଭି ଓ ଅନ୍ୟାନ୍ୟ ଡିଜିଟାଲ୍ ଉପକରଣ ନିର୍ମାଣରେ ଡ଼ିଆର୍‌ଏଏମ୍ ହେଉଛି ଏକ ପ୍ରମୁଖ ଉପାଦାନ। ଉତ୍ପାଦନ ହ୍ରାସ ଫଳରେ ଏହାର ଦାମ ବିଶ୍ୱ ବଜାରରେ ଦ୍ରୁତ ହାରରେ ବୃଦ୍ଧି ପାଇଛି।

ଭାରତ ଏବେ ମଧ୍ୟ ଅଧିକାଂଶ ସେମିକଣ୍ଡକ୍ଟର ଚିପ୍ ବିଦେଶରୁ ଆମଦାନି କରୁଛି। ତେଣୁ ଆନ୍ତର୍ଜାତୀୟ ବଜାରରେ ଚିପ୍ ମୂଲ୍ୟ ବୃଦ୍ଧିର ସିଧାସଳଖ ପ୍ରଭାବ ଭାରତୀୟ ଇଲେକ୍ଟ୍ରୋନିକ୍ସ ନିର୍ମାତା ଓ ଉପଭୋକ୍ତାଙ୍କ ଉପରେ ପଡ଼ିଛି। କିଛି କମ୍ପାନୀ ଇତିମଧ୍ୟରେ ନୂଆ ମଡେଲ୍‌ର ମୂଲ୍ୟ ବୃଦ୍ଧି କରିବା ନେଇ ବିଚାର କରୁଛନ୍ତି। ଯଦି ଏହି ସ୍ଥିତି ଆଉ କିଛିମାସ ଲାଗିରହେ, ତେବେ ସ୍ମାର୍ଟ ଫୋନ୍ ଓ ଲାପଟପ୍‌ର ଦାମ ୫%ରୁ ୧୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଅନ୍ୟପକ୍ଷରେ ଏଆଇର ଦ୍ରୁତ ବିକାଶ ସେମିକଣ୍ଡକ୍ଟର ଶିଳ୍ପକୁ ନୂଆ ଦିଗ ଦେଉଛି। ଅନେକ ଚିପ୍ ନିର୍ମାତା ଏଆଇ ସର୍ଭର ଓ ଡାଟା ସେଣ୍ଟର ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ ମେମୋରି ଉତ୍ପାଦନରେ ଅଧିକ ଲାଭ ଦେଖୁଥିବାରୁ ସେହି କ୍ଷେତ୍ରକୁ ପ୍ରାଥମିକତା ଦେଉଛନ୍ତି। ଭାରତ ସରକାର ଦେଶରେ ସେମିକଣ୍ଡକ୍ଟର ଉତ୍ପାଦନ ବଢ଼ାଇବା ପାଇଁ ଅନେକ ପ୍ରକଳ୍ପ ଆରମ୍ଭ କରିଥିଲେ ମଧ୍ୟ ସେଗୁଡ଼ିକର ପୂର୍ଣ୍ଣ ପ୍ରଭାବ ଆସିବାକୁ ଆହୁରି କିଛି ବର୍ଷ ସମୟ ଲାଗିପାରେ ବୋଲି କୁହାଯାଉଛି ।

